72 ତମ ସାଧାରଣତନ୍ତ୍ର ଦିବସର ଏକ ଝଲକ

ପୃଷ୍ଠା 17ରୁ 20

ବର୍ଷ 1, ସଂଖ୍ୟା 15

ନ୍ୟୁ ଇଣ୍ଡିଆ

ଫେବୃଆରୀ 1-15, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

ସମାଚାର

ଜିଣିବାକୁ ପ୍ରସ୍ତୁତ କୋଭିଡ-19 ବିରୋଧରେ

କୋଭିଡ ଟୀକା

ଆତ୍ମନିର୍ଭରଶୀଳ ଭାରତର ଅବିସ୍ମରଣୀୟ ପରିଚୟ, ସ୍ୱଦେଶୀ ଟୀକା, ପ୍ରଥମେ ଦିଲ୍ଲୀ ଏମ୍ସର ଅଗ୍ରଣୀ ସ୍ୱାସ୍ଥ୍ୟ କର୍ମୀ ମନିଷ କୁମାରଙ୍କୁ ଦିଆଯାଇଛି।

ବିଶ୍ୱ ରେଡିଓ ଦିବସ

ଆସନ୍ତା ଫେବୃଆରୀ 13 ତାରିଖରେ ବିଶ୍ୱ ରେଡିଓ ଦିବସ ପାଳନ କରାଯିବ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରଖାଯାଇଛି 'ବିବର୍ତ୍ତନ, ଉଦ୍ଭାବନ, ସଂଯୋଗ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ତାଙ୍କର "ମନ କୀ ବାତ" ରେଡିଓ କାର୍ଯ୍ୟକ୍ରମ ତାଙ୍କୁ ଏକ ବିଶେଷ ଅନୁଭୂତି ଦେଇଛି କାରଣ ଏହା ଲୋକମାନଙ୍କ ସହିତ ତାଙ୍କର ସମ୍ପର୍କକୁ ସୁଦୃଢ଼ କରିଛି।

"ରେଡିଓ ଜଗତରେ କାର୍ଯ୍ୟ କରୁଥିବା ସମସ୍ତଙ୍କୁ ସେମାନଙ୍କର ସୃଜନଶୀଳତା ଓ ସମର୍ପଣ ପାଇଁ ମୁଁ ଅଭିବାଦନ ଜଣାଉଛି। ଆମକୁ ସୂଚୀତ ରଖିବା ଏବଂ ଆମର ମନୋରଞ୍ଜନ କରିବା ଲାଗି ଧନ୍ୟବାଦ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନ୍ୟୁ ଇଣ୍ଡିଆ ସମାଚାର

ବର୍ଷ 1, ସଂଖ୍ୟା 15 ଫେବୃଆରୀ 1-15, 2021

ସମ୍ପାଦକ

କୁଳଦୀପ ସିଂ ଧତୱାଲିଆ,
ପିଡିଜି, ପିଆଇବି, ନୂଆଦିଲ୍ଲୀ

ଉପଦେଷ୍ଟା ସମ୍ପାଦକ

ବିନୋଦ କୁମାର
ସନ୍ତୋଷ କୁମାର

ସହକାରୀ ଉପଦେଷ୍ଟା ସମ୍ପାଦକ

ଶରତ କୁମାର ଶର୍ମା

ଅଳଙ୍କରଣ

ରବୀନ୍ଦ୍ର କୁମାର ଶର୍ମା

ପ୍ରକାଶକ ଓ ମୁଦ୍ରାକାର

ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ

Printed at

Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-1210030

ପ୍ରକାଶିତ

ବ୍ୟୁରୋ ଅଫ ଆଉଟରିଚ ଏବଂ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

ନ୍ୟୁ ଇଣ୍ଡିଆ ସମାଚାର

RNI No. : DELODI/2020/78831

response-nis@pib.gov.in

ଅନୁକ୍ରମଣିକା

1	ସମ୍ପାଦକୀୟ	ପୃଷ୍ଠା. 02
2	ଚିଠି ବାକ୍ସ	ପୃଷ୍ଠା. 03
3	ସଂକ୍ଷିପ୍ତ ସମାଚାର	ପୃଷ୍ଠା. 04-05
4	ପ୍ରଚ୍ଛଦ ପ୍ରସଙ୍ଗ	ପୃଷ୍ଠା. 06-12
5	ସାକ୍ଷାତକାର	ପୃଷ୍ଠା. 13-14
6	ଲାଇଟ ହାଉସ ପ୍ରକଳ୍ପ	ପୃଷ୍ଠା. 15-16
7	ସାଧାରଣତନ୍ତ୍ର ଦିବସ	ପୃଷ୍ଠା. 17-20
8	ଅଖଣ୍ଡ ଭାରତ	ପୃଷ୍ଠା. 21-23
9	ଜାତୀୟ ଯୁବ ଦିବସ	ପୃଷ୍ଠା. 24-26
10	ନବୋନ୍ମେଷ	ପୃଷ୍ଠା. 27
11	ବନ୍ଦେ ଭାରତ ଏକ୍ସପ୍ରେସ	ପୃଷ୍ଠା. 28-30
12	କ୍ୟାବିନେଟ ନିଷ୍ପତ୍ତି	ପୃଷ୍ଠା. 31
13	ପ୍ରବାସୀ ଭାରତୀୟ ଦିବସ	ପୃଷ୍ଠା. 32-34
14	ବ୍ୟକ୍ତିତ୍ୱ	ପୃଷ୍ଠା. 35
15	ସକାରାତ୍ମକ ଆଭିମୁଖ୍ୟ	ପୃଷ୍ଠା. 36

ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ଭାରତ କୋଭିଡ-19 ବିରୋଧୀ ନିର୍ଣ୍ଣାୟକ ଯୁଦ୍ଧରେ ବିଜୟର ଦ୍ୱାରଦେଶରେ ଛିଡ଼ା ହୋଇଛି। ସଙ୍କଟକୁ ସୁଯୋଗରେ ପରିଣତ କରିବା ଲାଗି ଜାନୁଆରୀ 2021 ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହା ଏକ ଅଭୂତପୂର୍ବ ମୁହୂର୍ତ୍ତ କାରଣ ବିଶ୍ୱର କୌଣସି ସରକାରଙ୍କ ଦ୍ୱାରା ଏତେବଡ଼ ଟୀକାକରଣ କାର୍ଯ୍ୟକ୍ରମ କେବେ ବି କାର୍ଯ୍ୟକାରୀ କରାଯାଇନାହିଁ। ପ୍ରଥମ ପର୍ଯ୍ୟାୟରେ, ତିନି କୋଟି ଲୋକଙ୍କୁ ମାଗଣାରେ ଟୀକାକରଣ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅଗ୍ରଣୀ ସ୍ୱାସ୍ଥ୍ୟକର୍ମୀ ଏବଂ କୋଭିଡ ସଂକ୍ରମଣର ଅଧିକ ଆଶଙ୍କା ଥିବା ଲୋକମାନେ ରହିଛନ୍ତି।

ଏତେ କମ ସମୟ ମଧ୍ୟରେ ଟୀକା ପ୍ରସ୍ତୁତ କରିବାର ସ୍ୱପ୍ନକୁ ବାସ୍ତବ ରୂପ ଦିଆଯାଇଥିବାରୁ ଏହାକୁ ବିକଶିତ କରିବା ଏବଂ ବିତରଣ କରିବା କାର୍ଯ୍ୟରେ ସମ୍ପୃକ୍ତ ବୈଜ୍ଞାନିକଙ୍କ ଠାରୁ ଆରମ୍ଭ କରି ଡାକ୍ତର ଓ ଅଗ୍ରଣୀ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯେତେ ପ୍ରଶଂସା କଲେ ମଧ କମ୍ ହେବ। ମାତ୍ର 10 ମାସ ମଧ୍ୟରେ ଭାରତୀୟ ବୈଜ୍ଞାନିକମାନେ ସ୍ୱଦେଶୀ ଟୀକା ବିକାଶ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଛନ୍ତି। ଏହା ଆତ୍ମନିର୍ଭରଶୀଳତା ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତକୁ ଅଗ୍ରଣୀ କରିପାରିଛି। ଦୁଇଟି ସ୍ୱଦେଶୀ ଟୀକା ଟିମ ଇଣ୍ଡିଆର ସଫଳତାର କାହାଣୀକୁ ବ୍ୟକ୍ତ କରୁଛି। ଏଗୁଡ଼ିକର ବିକାଶ ଏବଂ ଭବିଷ୍ୟତର ଯୋଜନା ପ୍ରସଙ୍ଗକୁ ନ୍ୟୁ ଇଣ୍ଡିଆ ସମାଚାରର ଚଳିତ ସଂସ୍କରଣରେ ପ୍ରଚ୍ଛଦ ପ୍ରସଙ୍ଗ ଭାବେ ସ୍ଥାନ ଦିଆଯାଇଛି।

ସାରା ବିଶ୍ୱକୁ ଭାରତ ଅତ୍ୟନ୍ତ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ଏ ଦେଶକୁ ଏବେ ଅଟକାଇବା ସମ୍ଭବ ନୁହେଁ। ଦେଶ ଜାତୀୟ ଯୁବ ଦିବସ ପାଳନ କରିଥିବାରୁ ଚଳିତ ସଂସ୍କରଣରେ ସ୍ୱାମୀ ବିବେକାନନ୍ଦଙ୍କର ସ୍ମୃତିଚାରଣ କରାଯାଇଛି। ଏଥିରେ ଖାନ ଅବ୍ଦୁଲ ଗଫର ଖାଁଙ୍କୁ ମଧ ତାଙ୍କର ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରବାସୀ ଭାରତୀୟ ଦିବସ ଓ ଲାଇଟ ହାଉସ ପ୍ରକଳ୍ପକୁ ମଧ ଚଳିତ ସଂସ୍କରଣରେ ଅନ୍ୟସବୁ ନିୟମିତ ଫିଚର ସହିତ ସ୍ଥାନ ଦିଆଯାଇଛି।

ଆମକୁ ଆପଣମାନଙ୍କର ପରାମର୍ଶ ଓ ମତାମତ ନିୟମିତ ପଠାନ୍ତୁ...

ଠିକଣା : ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ, ନୂଆଦିଲ୍ଲୀ-110003
ଇମେଲ : response-nis@pib.gov.in

(କେ ଏସ ଧତୱାଲିଆ)

ଚିଠି ବାକ୍ସ



ନମସ୍ତେ,
ଆପଣଙ୍କର ଏହି ଉତ୍ତମ ସେବା ପାଇଁ ଧନ୍ୟବାଦ। ନ୍ୟୁ ଇଣ୍ଡିଆ ସମାଚାରରେ ଆପଣଙ୍କ ଦ୍ୱାରା ପ୍ରକାଶିତ ସମ୍ବାଦ ଏବଂ ସମ୍ବାଦଗୁଡ଼ିକର ପ୍ରାସଙ୍ଗିକତା ମୋର ବେଶ ପସନ୍ଦ। ମୁଁ ଭାବୁଛି "ନ୍ୟୁ ଇଣ୍ଡିଆ ସମାଚାର" ବଦଳରେ ପତ୍ରିକାର ନାମ "ନୟା ଭାରତ ସମାଚାର" ରଖାଗଲେ ଭଲ ହୁଅନ୍ତା।

ଧନ୍ୟବାଦ।

ହିମାଂଶୁ
himanshuchauhan4@gmail.com

ନ୍ୟୁ ଇଣ୍ଡିଆ ସମାଚାର ଶେୟାର କରିଥିବାରୁ ଧନ୍ୟବାଦ। ଏଥିରେ ଆମେ ଭାରତୀୟ ସମାଜ ବିଷୟରେ ଅନେକ ଉପଯୋଗୀ ସୂଚନା ପାଇପାରୁଛୁ। ଆଶା କରୁଛୁ ଆଗକୁ ଆମେ ଭାରତ ସରକାରଙ୍କର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆହୁରି ଅଧିକ ସୂଚନା ପାଇପାରିବୁ।

ସଦ୍ଭିଚ୍ଛା ସହିତ,

ପ୍ରଫେସର ଭରତେନ୍ଦୁ କେ. ସିଂ
ସଂଯୋଜକ, ଅନ୍ତରୀଣ ଗୁଣବତ୍ତା ସୁନିଶ୍ଚିତତା କେନ୍ଦ୍ର
ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ
ବାରାଣସୀ 221005
coordiqacbhu@gmail.com

ସରକାରଙ୍କ ନୂଆ ଯୋଜନା, ନୀତି ଏବଂ ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ଜାଣିବା ଲାଗି ସାଧାରଣ ଲୋକମାନଙ୍କ ପାଇଁ ଏହା ବେଶ ଉପାଦେୟ ଉତ୍ସ। ସ୍ଥାନୀୟ ଭାଷାରେ ଏହା ଉପଲବ୍ଧ ହେବା ଆହୁରି ଭଲ ହେଉଛି। ଏପରି ଏକ ଉପାଦେୟ ପତ୍ରିକା ପ୍ରକାଶ କରିଥିବାରୁ ମୁଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରୟାସକୁ ପ୍ରଶଂସା କରୁଛି। କୌଣସି କୋଳାହଳ ବିନା ଏଥିରେ ଗୁରୁତ୍ୱପୂର୍ଣ୍ଣ ଖବର ରହିଛି। ପ୍ରଶଂସନୀୟ!

ଆପଣଙ୍କୁ ଅନେକ ଅନେକ ଶୁଭେଚ୍ଛା,

ମନ୍ଦର ଦାହାକେ
mandar792@gmail.com;

ନ୍ୟୁ ଇଣ୍ଡିଆ ସମାଚାର ଭଲ ଭାବେ ଅଳଙ୍କରଣ ହୋଇଥିବା ଏକ ସୂଚନାପ୍ରଦ ପତ୍ରିକା। ଏହା ବେଶ ସୁଖପାଠ୍ୟ। ଜଣେ ଇତିହାସ ଛାତ୍ରଭାବେ, ଅତୀତର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସ୍ଥିତି ବିଷୟରେ ଜାଣିବାର ଗୁରୁତ୍ୱକୁ ମୁଁ ଭଲ ଭାବେ ବୁଝିଛି। ଭବିଷ୍ୟତରେ ଏହି ପତ୍ରିକା ଅତୀତକୁ ସଠିକ ଭାବେ ବୁଝିବାରେ ଏହି ପତ୍ରିକା ସହାୟକ ହୋଇପାରିବ। ମୋତେ ଏହି ପତ୍ରିକା ପଠାଉଥିବାରୁ ଅନେକ ଅନେକ ଧନ୍ୟବାଦ।

ଆପଣଙ୍କର ବିଶ୍ୱସ୍ତ

କ୍ରିଷ୍ଣାପ୍ରିୟା କେ ଏସ୍
"କ୍ରିଷ୍ଣାପ୍ରିୟା ପ୍ରବିତା"
<krishnapriya.pravitha@gmail.com>;

ଏହି ପତ୍ରିକାର ସମ୍ପାଦନା ବେଶ ଉଚ୍ଚକୋଟୀର। ଏହା ସଠିକ ମାର୍ଗରେ ସମସ୍ତ ପ୍ରକାରର ସୂଚନା ଯୋଗାଇ ଦେଇଥାଏ। ଏହି ପତ୍ରିକା ବ୍ୟାପକ ଭାବେ ପ୍ରସାରିତ ହେବ। ମୁଁ ଏହାର ସଫଳତା କାମନା କରୁଛି। ଧନ୍ୟବାଦ

ଡ. ରତ୍ନା ତିୱାରୀ
Ratnapandey36740@gmail.com;

ଏହା ଏକ ଅତି ଭଲ ପ୍ରୟାସ ଏବଂ ଭାରତର ଅଭିବୃଦ୍ଧି ଗାଥା ସମ୍ପର୍କରେ ଅଧିକ ସୂଚନା ପ୍ରଦାନ କରିବା କ୍ଷେତ୍ରରେ ବେଶ ସହାୟକ ହେଉଛି। ଏହି ପ୍ରୟାସ ଜାରି ରହୁ କିନ୍ତୁ ଏହାକୁ ସାପ୍ତାହିକ କରି ଦିଅନ୍ତୁ...

ଧନ୍ୟବାଦ

pushpend 1995@gmail.com;

ନିଜକୁ ବିଶ୍ୱ ଖେଳନା ଉତ୍ପାଦନ କେନ୍ଦ୍ରରେ ପରିଣତ କରିବ ଭାରତ

ଚେସ, ଲୁଡୋ, ସାପ ଓ ଶିଢ଼ି ଆଦି ଲୋକପ୍ରିୟ ଖେଳର ଉଦ୍ଭାବନ କରିଥିବା ଭାରତ ନିଜକୁ ଅଗ୍ରଣୀ ଖେଳନା ବିକାଶ ଓ ଉତ୍ପାଦନକାରୀଙ୍କ ମଧ୍ୟରେ ସାମିଲ କରିପାରିନାହିଁ। ସ୍ଥାନୀୟ ଖେଳନା ଉଦ୍ୟୋଗ ଏବଂ ସ୍ଥାନୀୟ ଉତ୍ପାଦନକାରୀମାନଙ୍କ ପାଇଁ ଏକ ଇକୋସିଷ୍ଟମ ବିକଶିତ କରିବା ଲାଗି 'ଟୟକ୍ୟାଥନ-2021' ମାଧ୍ୟମରେ ପ୍ରୟାସ କରାଯାଇଛି। ଏହା ସେମାନଙ୍କ ପାଇଁ ନୂତନ ସମ୍ଭାବନାକୁ ଉଜାଗର କରିବ। ଏହା ଛାତ୍ରଛାତ୍ରୀ, ଶିକ୍ଷକ, ଖେଳନା ବିଶେଷଜ୍ଞ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଷ୍ଟାର୍ଟଅପଗୁଡ଼ିକୁ ସେମାନଙ୍କର ବିଚାର ବ୍ୟକ୍ତ କରିବାର ସୁଯୋଗ ପ୍ରଦାନ କରିବ। ଭାରତରେ ଖେଳନା ବଜାରର ଆକାର 1.5 ବିଲିୟନ ଡଲାର ହୋଇଥିବା ବେଳେ ଦୁର୍ଭାଗ୍ୟବଶତଃ ପାଖାପାଖି 80 ପ୍ରତିଶତ ଖେଳନା ଆମଦାନୀ କରାଯାଉଛି। ସାରା ଦେଶରେ ଥିବା 33 କୋଟି ଛାତ୍ରଛାତ୍ରୀଙ୍କର

ଅଭିନବ ସାମର୍ଥ୍ୟକୁ ବାସ୍ତବ ରୂପ ଦେବା ଟୟକ୍ୟାଥନର ଲକ୍ଷ୍ୟ। ଭାରତକୁ ଖେଳନା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଲାଗି ଭାରତ ସରକାର ସ୍ୱଦେଶୀ ଖେଳନା ଉଦ୍ୟୋଗକୁ ପ୍ରୋତ୍ସାହନ ଦେଉଛନ୍ତି ଏବଂ ପାଖାପାଖି ଅଧା ଡଜନ ମନ୍ତ୍ରଣାଳୟ ଓ ବିଭାଗ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଟୟକ୍ୟାଥନରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ 50 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପୁରସ୍କାର ପାଇପାରିବେ।

ସହଜ ଜୀବନଧାରଣ: ମିସଡ୍ କଲ ଦେଇ ଏଲପିଜି ରିଫିଲ ବୁକ କରନ୍ତୁ

ଜୀବନ ଧାରଣକୁ ସହଜ କରିବା ଲାଗି ଏକ ବଡ଼ ପଦକ୍ଷେପ ସ୍ୱରୂପ ସରକାର ଏଲପିଜି ସିଲିଣ୍ଡର ବୁକିଂ ପାଇଁ ଏକ ମିସଡ୍ କଲ ନମ୍ବର ବ୍ୟବସ୍ଥା ଆରମ୍ଭ କରିଛନ୍ତି।



ସାରା ଭାରତରେ ଇଣ୍ଡିଆନ ଅଏଲ ଉପଭୋକ୍ତାମାନେ 8454955555 ନମ୍ବରକୁ ମିସଡ କଲ ଦେଇ ଗ୍ୟାସ ବୁକିଂ କରିପାରିବେ। ଓଡ଼ିଶାର ଭୁବନେଶ୍ୱରରେ ଏହି ନମ୍ବରକୁ ନୂଆ ସଂଯୋଗ ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ। ଏହି ସେବା ଖୁବଶୀଘ୍ର ସାରା ଦେଶକୁ ସମ୍ପ୍ରସାରିତ କରାଯିବ। ଏହି ମିସଡ କଲ ଇଣ୍ଟରଆକ୍ଟିଭ ଭଏସ ରେସପନ୍ସ ସିଷ୍ଟମ (ଆଇଭିଆରଏସ) ତୁରନ୍ତ ବୁକିଂ ସୁବିଧା ଦେବ; ଉପଭୋକ୍ତାମାନଙ୍କୁ ଆଉ ଦୀର୍ଘ ସମୟ ପର୍ଯ୍ୟନ୍ତ ଫୋନ ଧରି ରଖିବାକୁ ପଡ଼ିବ ନାହିଁ; ଏବଂ କୌଣସି କଲ ଚାର୍ଜ ମଧ୍ୟ ପଡ଼ିବ ନାହିଁ।

ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅକ୍ସିଜେନ ପ୍ଲାଣ୍ଟ ପାଇଁ ପିଏମ କେୟାର୍ସ ପାଣ୍ଠିରୁ 201 କୋଟି ଟଙ୍କାର ସହାୟତା

ଦେଶର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ 162ଟି ସମର୍ପିତ ପ୍ରେସର ସ୍ୱିଙ୍ଗ ଆବଜର୍ପସନ (ପିଏସଏ) ମେଡ଼ିକାଲ ଅକ୍ସିଜେନ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରିବା ଲାଗି ପିଏମ କେୟାର୍ସ ପାଣ୍ଠିରୁ 20.58 କୋଟି ଟଙ୍କା ଆବଣ୍ଟନ କରାଯାଇଛି। 154.19 ମେଟ୍ରିକ ଟନ କ୍ଷମତାବିଶିଷ୍ଟ ଏହି ପ୍ଲାଣ୍ଟଗୁଡ଼ିକ 32ଟି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ସଂଯୋଗ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ଏକ ସ୍ୱାୟତ୍ତ ସଂସ୍ଥା ସେଣ୍ଟ୍ରାଲ ମେଡ଼ିକାଲ ସପ୍ଲାଇ ଷ୍ଟୋର (ସିଏମଏସଏସ) ଏଥିପାଇଁ ସାମଗ୍ରୀ କ୍ରୟ କରିବ। ପର୍ଯ୍ୟାପ୍ତ ଏବଂ ବାଧାମୁକ୍ତ ଅକ୍ସିଜେନ ଯୋଗାଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଜରୁରି ଆବଶ୍ୟକତା। ବିଶେଷ କରି କରୋନାଭୂତାଣୁ ମହାମାରୀ ସମୟରେ ଏହାର ଆବଶ୍ୟକତା ଆହୁରି ବୃଦ୍ଧି ପାଇଛି।

ଗୋଟିଏ ବର୍ଷରେ ମହିଳା ପୁଲିସ କର୍ମଚାରୀଙ୍କର ସଂଖ୍ୟା 16% ପ୍ରତିଶତ ବୃଦ୍ଧି

ଗୋଟିଏ ବର୍ଷ ମଧ୍ୟରେ ସାରା ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ମହିଳା ପୁଲିସ କର୍ମଚାରୀଙ୍କର ସଂଖ୍ୟା 16 ପ୍ରତିଶତ ବୃଦ୍ଧି ପାଇଛି। ପୁଲିସ ସେବାରେ ସର୍ବାଧିକ ସଂଖ୍ୟକ ମହିଳାଙ୍କୁ ନିଯୁକ୍ତି ଦେବାରେ ବିହାର ଅଗ୍ରଣୀ ରାଜ୍ୟ ହୋଇପାରିଛି। ବିହାର ପୁଲିସରେ 25.3 ପ୍ରତିଶତ ମହିଳା ଅଛନ୍ତି, ଏମାନଙ୍କ ମଧ୍ୟରେ ଅଛନ୍ତି ସାଧାରଣ ପୁଲିସ, ଜିଲ୍ଲା ସଶସ୍ତ୍ର ବାହିନୀ, ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ ଏବଂ ଇଣ୍ଡିଆ ରିଜର୍ଭ ବାଟାଲିଅନ। ହିମାଚଳ ପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି ଏଠାରେ ପୁଲିସ ବାହିନୀରେ 19.15 ପ୍ରତିଶତ ମହିଳା ନିୟୋଜିତ ଅଛନ୍ତି।

2020-21 ଆର୍ଥିକ ବର୍ଷରେ ଏମଏସପିରେ ଧାନ କ୍ରୟ 27.44%କୁ ବୃଦ୍ଧି





2020-21 ଖରିଫ ଋତୁରେ ଧାନ ସଂଗ୍ରହ ପୂର୍ବ ବର୍ଷ ତୁଳନାରେ 27.44 ପ୍ରତିଶତ ବୃଦ୍ଧି ପାଇଛି। ଜାନୁଆରୀ 13, 2021 ସୁଦ୍ଧା, 555.83 ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଥିବା ବେଳେ ପୂର୍ବ ବର୍ଷ ଏହି ସମୟରେ ଧାନ କ୍ରୟ ପରିମାଣ 736.14 ଲକ୍ଷ ମେଟ୍ରିକ ଟନ ଥିଲା। ମୋଟ ଧାନ କ୍ରୟ ପରିମାଣ 555.83 ଲକ୍ଷ ମେଟ୍ରିକ ଟନ ମଧ୍ୟରୁ କେବଳ ପଞ୍ଜାବରୁ 36.48 ପ୍ରତିଶତ ଧାନ କ୍ରୟ କରାଯାଇଛି। 2014 ପରଠାରୁ, ଚାଷୀଙ୍କ ପାଇଁ ଫସଲ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ଏମଏସପି ସୁନିଶ୍ଚିତ କରାଯାଇଛି। ଧାନର ଏମଏସପି 2.4 ଗୁଣା ବୃଦ୍ଧି ପାଇଛି।

ଇ-ସଞ୍ଜୀବନୀ ପାଲଟିଛି ଜନସାଧାରଣଙ୍କ ପାଇଁ ବରଦାନ

କୋଭିଡ-19 ସମୟରେ ନିରାପଦ ଦୂରତା ଏକ ଜରୁରି ଆବଶ୍ୟକତା ହୋଇଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଇ-ସଞ୍ଜୀବନୀ ଟେଲି ମେଡ଼ିସିନ ସେବା ଏକ ବରଦାନ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ସୁଦ୍ଧା 10 ଲକ୍ଷ ଟେଲି ମେଡ଼ିସିନ ପରାମର୍ଶ ଦିଆଯାଇ ସାରିଲାଣି। ତାମିଲନାଡୁରେ ସର୍ବାଧିକ 3.74 ଲକ୍ଷ ଟେଲି ଡାକ୍ତରୀ ପରାମର୍ଶ ଦିଆଯାଇଛି। ଇତିମଧ୍ୟରେ, 2020ରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ 5.79 କୋଟି ମଧୁମେହ ଓ 7.13 କୋଟି ରକ୍ତଚାପ ପରୀକ୍ଷା କରାଯାଇଛି।

2025 ସୁଦ୍ଧା ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥା ଭାବେ ବ୍ରିଟେନକୁ ଟପିବ ଭାରତ

2025ରେ ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥା ଭାବେ ବ୍ରିଟେନକୁ ଅତିକ୍ରମ କରିବ ଭାରତ। ଏଥିସହିତ 2030 ସୁଦ୍ଧା ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ ହେବ। ବ୍ରିଟେନର ଏକ ଅର୍ଥନୈତିକ ରେଟିଂ ସଂସ୍ଥା ପକ୍ଷରୁ ଏପରି ଆକଳନ କରାଯାଇଛି। 2019ରେ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥା ଭାବେ ବ୍ରିଟେନକୁ ଅତିକ୍ରମ କରିଥିଲା ଭାରତ। ତେବେ କୋଭିଡ-19 ମହାମାରୀ କାରଣରୁ ଭାରତୀୟ ଅର୍ଥବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିଲା। ବ୍ରିଟେନର ସେଣ୍ଟର ଫର ଇକୋନୋମିକ୍ସ ଆଣ୍ଡ ବିଜନେସ ରିସର୍ଚ୍ଚ ସଂସ୍ଥା ନିଜର ବାର୍ଷିକ ରିପୋର୍ଟରେ ଆକଳନ କରିଛି ଯେ ଭାରତୀୟ ଅର୍ଥବ୍ୟବସ୍ଥା 2025ରେ ବ୍ରିଟେନ, 2027ରେ ଜର୍ମାନୀ ଏବଂ 2030ରେ ଜାପାନକୁ ଅତିକ୍ରମ କରିବ। ଏଥିରେ ମଧ୍ୟ କୁହାଯାଇଛି ଯେ 2021ରେ ଭାରତୀୟ ଅର୍ଥବ୍ୟବସ୍ଥା 9 ପ୍ରତିଶତ ଅଭିବୃଦ୍ଧି ହାସଲ କରିବ।





ଡିଜିଟାଲ କ୍ୟାଲେଣ୍ଡର, ଡାଏରୀ ଉନ୍ମୋଚନ

ଗୁଗଲ ପ୍ଲେ ଷ୍ଟୋରରୁ ନିମ୍ନ ଲିଙ୍କ ମାଧ୍ୟମରେ ଏହି ଆପ୍ଲିକେସନକୁ ଡାଉନଲୋଡ କରାଯାଇପାରିବ
https://play.google.com/store/apps/details?id=in.gov.calendar

ଆଇଓଏସ ଡିଭାଇସରେ ଏହି ଆପ ଲିଙ୍କରୁ ଡାଉନ ଲୋଡ କରାଯାଇପାରିବ
https://apps.apple.com/in/app/goi-calendar/id1546365594

https://goicalendar.gov.in/

ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟାଃ

ଏକ ସ୍ୱପ୍ନ ସତ୍ୟରେ ପରିଣତ ହେଉଛି



କରୋନା ଭୂତାଣୁ ଲଢେଇରେ ଭାରତ ବିଜ୍ଞାନ, ଗବେଷଣା ଓ ଟେକନୋଲଜି ପ୍ରାଥମିକ ଅସ୍ତ୍ରଭାବେ ବ୍ୟବହାର କରିଛି। ଟିକା ବାହାରିବା ପରେ ଏହି ଲଢେଇ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି । ଭାରତୀୟ ଡ୍ରଗ କଣ୍ଟ୍ରୋଲର ଜେନେରାଲ ସେରମ ପ୍ରତିଷ୍ଠାନ ଓ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦୁଇଟି ଟିକାକୁ ଅନୁମୋଦନ କରିଛି । ଭାରତରେ ମଧ୍ୟ ଜାନୁୟାରୀ 16 ତାରିଖଠାରୁ ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଏସବୁରୁ ପ୍ରମାଣିତହୋଇଛି ଯେ କୋଭିଡ୍ ମୁକ୍ତଭାରତ ପଥେ ଆମେ ଅଗ୍ରସର ହେଉଛୁ। ଆହୁରି ମଧ୍ୟ ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ କରି ଆମେ ମାତ୍ର 10 ମାସ ମଧ୍ୟରେ ଟିକା ପ୍ରସ୍ତୁତ କରିପାରିଛୁ । ଏହାଦ୍ୱାରା ଭାରତ ଆତ୍ମନିର୍ଭର ହେବାର ଉତ୍ସର୍ଗୀକୃତ ପ୍ରୟାସ ଦେଖାଇବାରେ ସଫଳହୋଇଛି ।

ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବା ଲାଗି କ୍ୟୁ ଆର କୋଡ ସ୍କାନ କରନ୍ତୁ : ଭାରତର କୋଭିଡ-19 ଟୀକାକରଣ ଅଭିଯାନର ଶୁଭାରମ୍ଭ

ଏ ପରି ଐତିହାସିକ ସଫଳତାକୁ ବର୍ଣ୍ଣନା କରିବାକୁ ଭାଷା ନାହିଁ। ବିଗତ 10 ମାସ ଧରି ବିଭିନ୍ନ ବୟସ ବର୍ଗର ଲୋକମାନେ ଏକପ୍ରକାର ବନ୍ଦୀ ଜୀବନ ବିତାଉଥିବାରୁ ଏହି ସଫଳତା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଟୀକାର ଶୁଭାରମ୍ଭ ହେବା ଦେଶ ପାଇଁ ଏକ ସ୍ୱପ୍ନ ବାସ୍ତବ ରୂପ ନେବା ଭଳି। ଭାରତ ଦୁଇଟି ସ୍ୱଦେଶୀ ଟୀକା ବିକଶିତ କରି, ସଙ୍କଟକୁ ସୁଯୋଗରେ ପରିଣତ କରିପାରିଛନ୍ତି।

ଜୀବନ ରକ୍ଷା ପାଇଁ ପଦକ୍ଷେପ ନେବା ଏବଂ ଆର୍ଥିକ ଗତବିଧି ବଢ଼ାଇବା ଲାଗି ସରକାର ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଭାରତ ଏହି ଯାତ୍ରାର ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି। ଜୀବନ ରକ୍ଷା ଲାଗି ଏହା କେବଳ ନିଜ ଦେଶର ଲୋକମାନଙ୍କୁ ସେବା ଯୋଗାଉ ନାହିଁ ବରଂ ବିଶ୍ୱର ଅନ୍ୟ ଦେଶର ଲୋକମାନଙ୍କୁ ମଧ୍ୟ ସେବା ଯୋଗାଇ ଦେଉଛି।



ପରିଚାଳନାଗତ ବାସ୍ତବତା ପରଖିବା ପାଇଁ ଡ୍ରାଏ ରନ୍

ଟିକାଦାନ ଅଭିଯାନକୁ ସୁଗମ କରିବା ପାଇଁ ଭାରତ ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଡ୍ରାଏ ରନ୍ ପରୀକ୍ଷାମୂଳକ ଭାବେ ଆରମ୍ଭ କରିଛି । 736ଟି ଜିଲାରେ 3 ପର୍ଯ୍ୟାୟରେ ଏହିକାର୍ଯ୍ୟ କରାଯାଇଛି । ଏହାମୁଖ୍ୟତଃଟିକାଦାନର ପ୍ରାକ୍ ଅଭ୍ୟାସ କାର୍ଯ୍ୟ ।

- ପ୍ରତ୍ୟେକ ଜିଲାରେ ଅତିକମରେ ୩ଟି ସ୍ଥାନରେ ଏହି ଡ୍ରାଏ ରନ୍ କରାଯାଇଛି । ସେଥିରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ଘରୋଇ ହସ୍‌ପିଟାଲ ଏବଂ ସହରାଞ୍ଚଳର ସମୀପବର୍ତ୍ତୀସ୍ଥାନରେ ଥିବାସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଭୁକ୍ତ ।
- ଜିଲାପାଳମାନଙ୍କ ତଦାରଖରେଏହି ଡ୍ରାଏ ରନ୍ ରାଜ୍ୟ, ଜିଲା ଓ ବ୍ଲକସ୍ତରୀୟ ହସପିଟାଲରେ କରାଯାଇଛି । ଏହାଦ୍ୱାରା ସଂପୃକ୍ତ କର୍ତ୍ତୃପକ୍ଷ ଏବଂଲୋକ ଟିକାଦାନ ସଂକ୍ରାନ୍ତ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ସଚେତନ ହୋଇଛନ୍ତି ।
- ଡ୍ରାଏ ରନ୍ ମଧ୍ୟ କୋ-ଉଇନ ବ୍ୟବସ୍ଥାର ବ୍ୟବହାର ଓ ଏହାର ଦକ୍ଷତା ମାପିବା ପାଇଁ କରାଯାଇଛି । କ୍ଷେତ୍ରସ୍ତରରେ ବାସ୍ତବସ୍ଥିତି ଏବଂଏହା କିପରି କୋ-ଉଇନ ସହିତ ସଂଯୁକ୍ତ ହୋଇଛି ତାହା ଏହି ଡ୍ରାଏ ରନ୍‌ରୁ ଜଣାପଡିଛି ।

ଟିକାଦାନ ବ୍ୟବସ୍ଥା କିପରି ପରିଚାଳିତ ହେଲା

ଭାରତବିଶ୍ୱରସର୍ବବୃହତ୍ ଟିକାଦାନ ଅଭିଯାନ ଜାନୁୟାରୀ 16ରୁ ଆରମ୍ଭ କରିଥିଲା । ଏଥିପାଇଁ କେନ୍ଦ୍ର ସରକାର ଅତିକମରେ 26ଟି ଭର୍ଚୁଆଲ ବୈଠକ ରାଜ୍ୟ ସରକାରମାନଙ୍କ ସହ କରିଥିଲେ ।

2,360 ମାଷ୍ଟର ଟ୍ରେନରଙ୍କୁ ତାଲିମ ଦିଆଯାଇଛି	**61,000** ପ୍ରୋଗ୍ରାମ ମ୍ୟାନେଜର ମୁତୟନ ହୋଇଛନ୍ତି
02 ଭ୍ୟାକ୍ସିନେଟରଙ୍କ ସଂଖ୍ୟା	**3.7** ଟିକାଦାନ ପାଇଁ ସହାୟକ ଟିମ୍ ।

ପ୍ରତ୍ୟେକ ସାହାଯ୍ୟକାରୀ ଦଳରେ ଜଣେ ଭ୍ୟାକ୍ସିନେଟର ଓ 4ଜଣ ସହାୟକ ।

2021ଜାନୁୟାରୀ 16 ଭାରତୀୟ ଇତିହାସରେ ଏକ ଉଲ୍ଲେଖନୀୟ ଦିବସ ଥିଲା । ଏହି ଦିନ ଦେଶରେ ବିଶ୍ୱର ସର୍ବବୃହତ୍ ଟିକାଦାନ ଅଭିଯାନ ଭୟଙ୍କର କରୋନା ମହାମାରୀ ବିରୋଧରେ ଆରମ୍ଭ ହୋଇଥିଲା । ଏହି ଅଭିଯାନକୁ ପ୍ରଧାନମନ୍ତ୍ରୀ ଶ୍ରୀନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଥିଲେ । ସେ ଦିନ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର 3ହଜାରରୁ ଅଧିକ ଟିକାଦାନ କେନ୍ଦ୍ରରେ ଏହାର ଶୁଭାରମ୍ଭ ହୋଇଥିଲା । ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ କରି ସରକାର ଏହି ଅଭିଯାନ ଆରମ୍ଭ କରିଛନ୍ତି । ଏଥିପାଇଁ ଭାରତ ସରକାର 110ଲକ୍ଷ ଡୋଜ୍ କୋଭିସିଲଡ଼ ଟିକା ପୁଣେ ସ୍ଥିତି ସେରମ୍ ପ୍ରତିଷ୍ଠାନଠାରୁ କିଣିଛନ୍ତି । ଡୋଜ ପିଛା 200 ଟଙ୍କାରେ ଏହି ଟିକା କିଣାଯାଇଛି । ସେହିଭଳି ଭାରତ ବାୟୋଟେକ୍‌ଠାରୁ 55 ଲକ୍ଷ ଡୋଜ ଟିକା ସରକାର କିଣିବାର ନିଷ୍ପତ୍ତି ନେଇଛନ୍ତି । ସେଥିରୁ 38.5 ଲକ୍ଷ ଡୋଜ ଟିକା ଡୋଜ ପିଛା 295 ଟଙ୍କାରେ କିଣାଯାଇଛି । ଅବଶିଷ୍ଟ 16.5 ଲକ୍ଷ ଡୋଜ ସଂପୃକ୍ତ ସଂସ୍ଥା ବିନାମୂଲ୍ୟରେ ଯୋଗାଇ ଦେଇଛି। ଅତଏବ ଦ୍ୱିତୀୟ ଟିକାର ହାରାହାରି ମୂଲ୍ୟ 206 ଟଙ୍କା ରହିଛି ।

ବିଶ୍ୱ ପାଇଁ ଭାରତ ହିଁ ଆଶାର ପ୍ରତୀକ

ବିଶ୍ୱର ପ୍ରାୟ 60 ଶତାଂଶ ଟିକା ଭାରତରେ ତିଆରିହୁଏ। ଭାରତର ଟିକା ଉତ୍ପାଦନରେ ଉତ୍ତମ ଅଭିଜ୍ଞତା ରହିଛି । ଭାରତରେ ପ୍ରତିବର୍ଷ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ 65 କୋଟି ଟିକା ଦିଆଯାଇଥାଏ । ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ଟିକା ଉତ୍ପାଦନକାରୀ ଦେଶ ।ବିଶ୍ୱ ଏବେ ଭାରତର ଜ୍ଞାନ

କୋଲ୍ଡ ଚେନ୍‌ର ଦୃଢ ନେଟୱାର୍କ ଏବଂ ଉପଯୁକ୍ତ ଭିତ୍ତିଭୂମି

ଷ୍ଟେପ 1

ଟିକାଉତ୍ପାଦନକାରୀ : 2

ସିରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର କୋଭିସିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ

ଷ୍ଟେପ 2

ବଡ଼ ଷ୍ଟୋରେଜ୍ ବ୍ୟବସ୍ଥା- 4

- କର୍ଣ୍ଣାଲ
- କଲକାତା
- ଚେନ୍ନଇ
- ମୁମ୍ବଇ

ଷ୍ଟେପ 3

ପ୍ରତ୍ୟେକ ରାଜ୍ୟରେ ଅତି କମରେ ଗୋଟିଏ ଆଞ୍ଚଳିକ ଟିକା ଷ୍ଟୋର ବ୍ୟବସ୍ଥା । ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଦେଶରେ ୬୦ଟି ବଡ ଷ୍ଟୋରେଜ୍ ବ୍ୟବସ୍ଥା ରହିଛି।

ବଡ଼ବଡ଼ ରାଜ୍ୟରେ ପ୍ରସ୍ତୁତ ଥିବାଷ୍ଟୋର

ଉତ୍ତର ପ୍ରଦେଶ	9	ଜମ୍ମୁ କଶ୍ମୀର	2
ମଧ୍ୟପ୍ରଦେଶ	4	କର୍ଣ୍ଣାଟକ	2
ଗୁଜରାଟ	4	ରାଜସ୍ଥାନ	2

ଷ୍ଟେପ 4

କୋଲ୍ଡଚେନ୍ ସେଣ୍ଟର: ଦେଶରେ ପ୍ରାୟ **29,000** କୋଲ୍ଡଚେନ୍ କେନ୍ଦ୍ର ରହିଛି । ସେଠାରୁ ଟିକାଦାନ କେନ୍ଦ୍ରକୁ ଟିକା ପଠାଯିବ ।

"ଭାରତର ସ୍ଥିତି ଏବଂ ପରିବେଶକୁ ଦେଖି ଟିକା ବିକଶିତ ହୋଇଛି । ଭାରତର ଟିକାଦାନ ଅଭିଜ୍ଞତା ଓ ବ୍ୟବସ୍ଥା ରହିଛି ଏବଂ ଏହାମାଧ୍ୟମରେ ଦୂର ଦୂରାନ୍ତ ଏବଂ ଅଗମ୍ୟ ଅଞ୍ଚଳକୁ ସହଜରେ ପହଞ୍ଚି ଲୋକଙ୍କୁ କରୋନାଟିକା ଦେଇ ହେବ । ଆମେ ଡାକ୍ତର, ମେଡିକାଲକର୍ମଚାରୀ, ବୈଜ୍ଞାନିକ, ସ୍ୱାସ୍ଥ୍ୟକର୍ମୀ, ପୁଲିସକର୍ମଚାରୀ, ସଫେଇ କର୍ମଚାରୀଏବଂ ସମସ୍ତ କରୋନା ଯୋଦ୍ଧାଙ୍କ ସେମାନଙ୍କ ଅସାଧାରଣ କାର୍ଯ୍ୟ ପାଇଁ ପୁନର୍ବାର କୃତଜ୍ଞତା ଜଣାଉଛୁ। ପ୍ରତିକୂଳ ପରିସ୍ଥିତିରେ ସେମାନଙ୍କ କାମ ପ୍ରଶଂସନୀୟ । ସେମାନେ ଅନେକ ଜୀବନ ରକ୍ଷା କରିଥିବାରୁ ଆମେ ସେମାନଙ୍କ ପାଖରେ ଚିରକୃତଜ୍ଞ।"

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଏବଂ ବୈଜ୍ଞାନିକ ଦକ୍ଷତାକୁ ସ୍ୱୀକାର କରିଛି । ଏଡେଲମ୍ୟାନ ପିଆର ଟ୍ରଷ୍ଟ ବ୍ୟାରୋମିଟର ସର୍ଭେ ଯାହା ଦେଶର 28ଟି ରାଜ୍ୟରେ ହୋଇଥିଲା, ତାହାର ତଥ୍ୟ ଅନୁସାରେ 80 ଭାଗରୁ ଅଧିକ ଭାରତୀୟଙ୍କର ସ୍ୱଦେଶୀ ନିର୍ମିତ ଟିକା ଉପରେ ଭରସା ଓ ବିଶ୍ୱାସ ରହିଛି । ଏହିହାର ବିଶ୍ୱରେ ସର୍ବାଧିକ । ବ୍ରିଟେନରେ ଏହା 66 ଶତାଂଶ, ଜର୍ମାନୀରେ 62 ଶତାଂଶ, ଆମେରିକାରେ 59 ଶତାଂଶଏବଂରୁଷିଆରେ 40 ଶତାଂଶ । ଏହିସବୁ ଦେଶ ନିଜ ଦେଶରେ ଉତ୍ପାଦିତ ଟିକା ଉପରେ ଭାରତଠାରୁ ଅପେକ୍ଷାକୃତ କମ ଭରସା ରଖିଛନ୍ତି। ଭାରତରେଏହି ବିଶ୍ୱାସ ପଛରେ ରହିଛି ଏହାର ବୈଜ୍ଞାନିକଙ୍କ ଦକ୍ଷତା, ବିଜ୍ଞାନ ଓ ପ୍ରଯୁକ୍ତିର ଭିତ୍ତି । ବିଜ୍ଞାନ ଓ ନବସୃଜନ ବିନାବିଶ୍ୱ ଅଚଳ ହୋଇଯାଏ । ସେହି ବିଚାରରେ ଭାରତର ତୁଙ୍ଗ ନେତୃମଣ୍ଡଳୀ କରୋନା ବିରୋଧୀ ଲଢେଇ ଚଳାଇଥିଲେ । କିଛିସୁବିଧା ସୁଯୋଗ ନ ଥାଇ ମଧ୍ୟ କରୋନା ମୁକାବିଲାରେ ତତ୍କାଳ ଭିତ୍ତିଭୂମିମାନ ତିଆରି କରାଗଲା ।

ଏହା ସହିତ ସରକାର ଗରିବ ଓ ଅନଗ୍ରସର ଲୋକଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇ ଲକ୍‌ଡାଉନ

ସାଧାରଣ ଲୋକଙ୍କ ପାଖରେ ଟିକା ପହଞ୍ଚାଇବା ନିଶ୍ଚିତ କରାଯିବ

ଷ୍ଟେପ 5

ଜାନୁୟାରୀ 14 ସୁଦ୍ଧାସବୁରାଜ୍ୟଙ୍କୁସେମାନଙ୍କ ଆବଶ୍ୟକତା ଅନୁସାରେ ଟିକା ପଠାଯାଇଥିଲା

ଷ୍ଟେପ 7

ସମଗ୍ରଟିକାଦାନ କାର୍ଯ୍ୟକୁ ତଦାରଖକରିବା ପାଇଁକୋ-ୱିନ ମୋବାଇଲ ଆପ୍‌କୁ ନିୟୋଜିତକରାଯାଇଛି

ଟିକା କେନ୍ଦ୍ରକୁ ଟିକା ପ୍ରେରଣ ବ୍ୟବସ୍ଥା

- **240** ୱାକ୍ ଇନ୍ କୁଲର
- **70** ୱାକ୍ ଇନ୍ ଫ୍ରିଜର
- **41,000** ଡିପ୍ ଫ୍ରି ଜର
- **45,000** ଆଇସ୍-ଲାଇନ୍ଡ ରେଫ୍ରିଜେରେଟର
- **300** ସୋଲାରରେ ଫ୍ରିଜେରେଟର

ଷ୍ଟେପ 6

ପ୍ରଥମ ପର୍ଯ୍ୟାୟରେ 3 କୋଟି ସମ୍ମୁଖ ଧାଡିରକର୍ମୀଙ୍କୁ ଟିକା ଦିଆଯିବ

କୋହଳତାର ପ୍ରଶ୍ନ ନାହିଁ

ମାସ୍କ, ଦୁଇଗଜ ଦୂରତା ରକ୍ଷାଏବଂ ପରିଚ୍ଛନ୍ନତା କାର୍ଯ୍ୟ ଜାରିରହିବ । ଟିକାଦାନ କାଳରେ ଓ ଟିକାଦାନ ପରେ ମଧ୍ୟଏହି ସର୍ବନିମ୍ନ ନିୟମ ପାଳନ କରାଯିବ । ଏଥିରେ କୋହଳତାକୁ ପ୍ରଶ୍ରୟ ଦିଆଯିବ ନାହିଁ ।

ସମୟରେ ସେମାନଙ୍କୁ ସୁରକ୍ଷିତ କରିଥିଲେ । ଏଥିସହିତ ସରକାର ବିଜ୍ଞାନ ଓ ଟେକ୍‌ନୋଲଜିକୁ ଭିତ୍ତିକରି ସମସ୍ତ କାର୍ଯ୍ୟ କରି ଦେଶରେ ଟିକା ଉତ୍ପାଦନ କାର୍ଯ୍ୟକୁ ଅଗ୍ରାଧିକାର ଦେଇଥିଲେ ।

ଟିକାର ଅନୁମୋଦନ ପୂର୍ବରୁମଧ୍ୟ ଦେଶରେ ଏହାର ସଂରକ୍ଷଣ ବ୍ୟବସ୍ଥା, କୋଲ୍ଡଚେନ, କ୍ରୟ ପ୍ରକ୍ରିୟା, ଟିକାର ପ୍ରଭାବକୁ ନିଶ୍ଚିତ କରିବା ଏବଂ ଲୋକଙ୍କୁ ଏହା କିପରି ମିଳିବ ସେସବୁ ବ୍ୟବସ୍ଥା କରାଯାଇଥିଲା । ଗତବର୍ଷ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ଅଗ୍ରାଧିକାର ଭିତ୍ତିରେ ଟିକାତିଆରି ପାଇଁ ପ୍ରସ୍ତାବ ଦେଇଥିଲେ । ପିଏମ୍ କେୟାର୍ସ ଫଣ୍ଡ ଏବଂ ଆତ୍ମନିର୍ଭର ଭାରତ ପ୍ୟାକେଜରେ ଟିକା ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଇଥିଲା ।

ଟିକା ପୂର୍ବରୁଚ୍ଚାଞ୍ଚା ପ୍ରସ୍ତୁତ

ବିଶ୍ୱର ସର୍ବବୃହତ୍ ଟିକାଦାନ ଅଭିଯାନ ଆରମ୍ଭ କରିବା ଏକ ଆହ୍ୱାନମୂଳକ କାର୍ଯ୍ୟ । ତେବେ ପ୍ରତ୍ୟେକ କ୍ଷେତ୍ରରେ ଏଥିପାଇଁ ଆଗୁଆ ପ୍ରସ୍ତୁତି ଚୂଡାନ୍ତ ହୋଇଥିବାରୁ ଏହିକାର୍ଯ୍ୟ ସହଜ ହୋଇଛି । ଦେଶର ବିଭିନ୍ନସ୍ଥାନକୁ ଟିକାଯୋଗାଇ ଦେବା ପାଇଁ କୋଲ୍ଡଚେନ ଭିତ୍ତିଭୂମିର ବିଶେଷଗୁରୁତ୍ୱ ଥିବାରୁଏହାକୁ ଆଗୁଆ ନିଶ୍ଚିତ କରାଯାଇଛି। ଏସବୁ କୋଲ୍ଡଚେନରମାନ ଓ ସ୍ଥିତି ପାଇଁସରକାର ନିର୍ଦ୍ଦେଶାବଳୀ ଜାରି କରିଥିଲେ । ବିଭିନ୍ନ ଦଳ ଏହିକୋଲ୍ଡଚେନର ନିର୍ମାଣ ପ୍ରକ୍ରିୟା ଓ ଦକ୍ଷତା ମଧ୍ୟ ଆକଳନ କରିଥିଲେ । ବିଜୁଳି କିମ୍ବା ବିନା ବିଜୁଳିରେ ଏହା ଯେପରି କାର୍ଯ୍ୟକାରୀ କରାଯାଇ ପାରିବ ତାହା ମଧ୍ୟ ନିଶ୍ଚିତ କରାଯାଇଥିଲା । ବିନା ବିଜୁଳିରେ ଚାଲୁଥିବା କୋଲ୍ଡଚେନ ପାଇଁକି ପ୍ରକାର ବ୍ୟବସ୍ଥା କରି ହେବ ତାହା ଆକଳନ କରାଯାଇଛି ।

- **ଜାନୁଆରୀ 16 ତାରିଖ ଠାରୁ ଆରମ୍ଭ ହୋଇଥିବା ଟୀକାକରଣ କାର୍ଯ୍ୟକ୍ରମରେ ଜାନୁଆରୀ 18 ତାରିଖ ପର୍ଯ୍ୟନ୍ତ 3,81,305 ଜଣ ଲୋକ ଟୀକା ନେଇଛନ୍ତି**
- **ଜାନୁଆରୀ 18 ତାରିଖ ସୁଦ୍ଧା ମୋଟ ଆରୋଗ୍ୟ ଲାଭ କରିଥିବା ଲୋକଙ୍କ ସଂଖ୍ୟା ସକ୍ରିୟ ସଂକ୍ରମିତଙ୍କ ତୁଳନାରେ 1 କୋଟିରୁ ଅଧିକ ହୋଇଯାଇଛି। ଅନ୍ୟପକ୍ଷରେ ମୃତ୍ୟୁ ହାର ମାତ୍ର 1.44% ରହିଛି**

କୋଭିଡ୍ ଟିକା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ

Q&A ପ୍ରତ୍ୟେକଙ୍କୁ ଏକ ସଙ୍ଗରେ କୋଭିଡ-19 ଟୀକା ଦିଆଯିବ କି?

ଟୀକାର ସମ୍ଭାବ୍ୟ ଉପଲବ୍ଧତାକୁ ଆଖି ଆଗରେ ରଖି ଅଧିକ ସଂକ୍ରମଣ ଆଶଙ୍କାରେ ଥିବା ଲୋକମାନଙ୍କୁ ପ୍ରାଥମିକତା ଭିତ୍ତିରେ ଟୀକା ଦିଆଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଥମ ଗୋଷ୍ଠୀ ଭାବେ ସ୍ୱାସ୍ଥ୍ୟକର୍ମୀ ଏବଂ ଅଗ୍ରଣୀ କରୋନା ଯୋଦ୍ଧାମାନଙ୍କୁ ଟୀକାକରଣ କରାଯିବ। ଦ୍ୱିତୀୟ ଗୋଷ୍ଠୀ ରୂପରେ 50 ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି କିମ୍ବା ପୂର୍ବରୁ କୌଣସି ରୋଗରେ ପଡ଼ିଥିବା 50 ବର୍ଷରୁ କମ ବୟସର ଲୋକମାନଙ୍କୁ ଟୀକା ଦିଆଯିବ

Q&A ଟୀକା ନେବା ବାଧତାମୂଳକ କି ?

କୋଭିଡ-19ର ଟୀକା ନେବା ଇଚ୍ଛାଧୀନ। ତେବେ ନିଜକୁ ସୁରକ୍ଷିତ ରଖିବା ଏବଂ ଏହି ରୋଗର ସଂକ୍ରମଣକୁ ସୀମିତ ରଖିବା ଲାଗି ସମ୍ପୂର୍ଣ୍ଣ ଟୀକାର ନେବା ପାଇଁ ପରାମର୍ଶ ଦିଆଯାଉଛି।.

Q&A କୋଭିଡ୍‌ରୁ ସୁସ୍ଥ ହୋଇଥିବା ଲୋକ ଟିକା ନେବା ଜରୁରୀ କି ?

ହଁ, ସେମାନେ ଟିକା ନେଲେ ସେମାନଙ୍କର ରୋଗ ପ୍ରତିରୋଧ ଶକ୍ତି ବଢିବ ।

Q&A କୋଭିଡ୍ ଆକ୍ରାନ୍ତଙ୍କ ସମେତ ସନ୍ଦିଗ୍ଧ ସଂକ୍ରମିତଙ୍କୁ ଏହିଟିକା ଦିଆଯିବା ଉଚିତ କି ?

ଯିଏ କୋଭିଡ୍‌ରେ ଆକ୍ରାନ୍ତ ହୋଇଛି କିମ୍ବା ରୋଗ ହୋଇଥିବା ସନ୍ଦେହ କରାଯାଉଛି, ଉଭୟଏହିବ୍ୟାଧି ସଂକ୍ରମଣ କରିବାର ଆଂଶକା ରହିଛି । ତେଣୁ ସେମାନେ ଟିକାଦାନ କେନ୍ଦ୍ରକୁ ଗଲେ ରୋଗ ବ୍ୟାପିପାରେ ।

Q&A ଏତେ କମ ସମୟ ମଧ୍ୟରେ ପରୀକ୍ଷଣ କରାଯାଇ ପ୍ରଚଳନ କରାଯାଇଥିବା କାରଣରୁ ଟୀକା ନିରାପଦ କି?

ସୁରକ୍ଷା ଏବଂ ପ୍ରଭାବକୁ ଆଧାର କରି ନିୟାମକ ସଂସ୍ଥାଗୁଡ଼ିକର ଯାଞ୍ଚ ପରେ ଦେଶରେ କୋଭିଡ ଟୀକା ପ୍ରଚଳନ କରାଯାଇଛି।

ଯେଉଁମାନେ ଆକ୍ରାନ୍ତ ହୋଇଛନ୍ତି ସେମାନେ ୧୪ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ।

Q&A ଦେଶରେ ବିଭିନ୍ନ ଟିକା ମିଳୁଛି । ଏହାକୁ ନେବା ପାଇଁ ଜଣେ କିପରି କେଉଁଟି କାବାଛିବ ?

ଭାରତୀୟ ଭେଷଜ ନିୟନ୍ତ୍ରକ ପ୍ରତ୍ୟେକ ଟିକାରଗୁଣ, ମାନ ଓ ଦକ୍ଷତା ଭିତ୍ତିରେ ପରୀକ୍ଷା କରି ତାହାକୁ ଅନୁମୋଦନ କରିଥାନ୍ତି। ସବୁ ଟିକାର ହୋଇଥିବା ପରୀକ୍ଷାର ଫଳାଫଳକୁ ଦେଖି ଏହାକୁ ବଛା ଯାଇଥାଏ । ତେଣୁ ଭାରତରେ ଯେଉଁସବୁ କୋଭିଡ୍ ଟିକାକୁ ଲାଇସେନ୍ସ ମିଳିଛି ବା ମିଳିବ ତାହାର ନିରାପତ୍ତା ଓ ଦକ୍ଷତାକୁ ସନ୍ଦେହ କରାଯାଇ ନ ପାରେ । ତେବେ ବିଭିନ୍ନ ପ୍ରକାର କୋଭିଡ୍ ଟିକା ଅଦଳବଦଳ କରି ଲୋକଙ୍କୁ ଦେବା ନିଷିଦ୍ଧ ହୋଇଥିବାରୁ ଯେଉଁଠି ଟିକା ଦିଆଯାଉଛି ବା ଦିଆଯିବ ସେଠାରେ ଗୋଟିଏ ପ୍ରକାରଟିକା ଦେବାର ବ୍ୟବସ୍ଥା କରାଯାଇଛି ।

Q&A ଟିକା ନେବା ପାଇଁ ନାମ ପଞ୍ଜୀକରଣ ନିମନ୍ତେ ଫଟୋ ପରିଚୟପତ୍ର ଦରକାର କି ?

ଉଭୟ ନାମ ପଞ୍ଜୀକରଣ ଓ ଟିକାଦାନ ସମୟରେ ଫଟୋ ପରିଚୟପତ୍ର ଦାଖଲ ବାଧତାମୂଳକ ।

ଦେଶରେ ଏ ପର୍ଯ୍ୟନ୍ତ 4ଟି ବୃହତ୍ ଟିକାକେନ୍ଦ୍ର ଏବଂ 35ଟି ମଧ୍ୟମ ଧରଣର ଟିକା ସଂରକ୍ଷଣ କେନ୍ଦ୍ର ରହିଛି। ତେବେ ସରକାର ନିଶ୍ଚିତ କରିଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ଅତିକମ୍‌ରେ ଗୋଟିଏବୃହତ୍ ଟିକା ସଂରକ୍ଷଣ କେନ୍ଦ୍ରର ବ୍ୟବସ୍ଥା କରିବା ବାଧତାମୂଳକ ହେବ । ଏଥିପାଇଁ ସରକାର ଦ୍ୱିତୀୟସ୍ତରର 35ଟି ଟିକାଭଣ୍ଡାର କେନ୍ଦ୍ରକୁ ଉନ୍ନୀତ କରିଛନ୍ତି । ଏହାକୁ ମିଶାଇ ଦେଶରେ ଏବେ ମୋଟ 60ଟି ଏଭଳି କେନ୍ଦ୍ର ସୃଷ୍ଟି କରାଯାଇଛି ।

> ଭାରତ କୋଭିଡ୍ ମହାମାରୀର ବିଲୋପ ପାଇଁ ନିର୍ଣ୍ଣୟାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛିଏବଂ ଏ କ୍ଷେତ୍ରରେ ସଂକଳ୍ପବଦ୍ଧ ଭାବେ କାମ କରୁଛି । ବିଶ୍ୱର ସର୍ବବୃହତ୍ ଟିକା ଉତ୍ପାଦନକାରୀ ହିସାବରେ ଏହା କରିବାକୁ ଭାରତ ସକ୍ଷମ । ଆମେ ଯଦି ମିଳିତଭାବେ କାମ କରିବା ତାହାହେଲେ ଆମେ ସଫଳହେବା। ନିରାପଦ ଟିକା ପ୍ରଦାନ ବ୍ୟବସ୍ଥାକୁ ନିଶ୍ଚିତ କରି ବିଶ୍ୱର ବିଭିନ୍ନ ଭାଗରେ ଥିବା ବିପଦାପନ୍ନ ଲୋକଙ୍କୁ ରକ୍ଷା କରିପାରିବା ।
>
> - ଟେଡ୍ରୋସ୍ ଆଧାନମ୍ ଘେବ୍ରେସସ୍,
> ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ

ଅନ୍ୟ ଦେଶରେ ଦିଆଯାଉ ଥିବା ଟିକା ଭଳି ଭାରତରେ ପ୍ରଦାନ କରାଯାଉଥିବା ଟିକା ପ୍ରଭାବଶାଳୀ ତ ?

ହଁ, ଭାରତରେ ଯେଉଁ ଟିକା ଦିଆଯାଉଛି ତାହା ଦେଶରେ ତିଆରି । ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷିତ ହେବା ପରେ ଏହାର ନିରାପତ୍ତା ଓ ଦକ୍ଷତାକୁ ସ୍ୱୀକୃତି ଦିଆଯାଇଛି ।

ଯଦି ଜଣେ ଲୋକ ତାର ଫଟୋ ପରିଚୟପତ୍ର ଟିକା ଦାନ କେନ୍ଦ୍ରରେ ଦେଖାଇ ନ ପାରେ ତାକୁ ଟିକା ଦିଆଯିବ କି?

ଉଭୟ ପଞ୍ଜୀକରଣ ଓ ଟିକାଦାନ ପାଇଁ ଫଟୋ ପରିଚୟପତ୍ର ବାଧତାମୂଳକ। ତେଣୁ ଟିକାଦାନ କେନ୍ଦ୍ରରେ ଏହାକୁ ଦେଖାଇବାକୁ ପଡିବ ।

ସ୍ୱାସ୍ଥ୍ୟ ବିଭାଗରେ ନାମ ପଞ୍ଜୀକରଣ ବିନା ଜଣେ ବ୍ୟକ୍ତି ଟିକା ନେଇପାରିବ କି ?

ନା, ପ୍ରତ୍ୟେକ ହିତାଧିକାରୀଙ୍କୁ ଟିକାନେବା ପାଇଁ ନାମ ପଞ୍ଜୀକରଣ କରିବାକୁ ପଡିବ । ପଞ୍ଜୀକରଣ ପରେ ଟିକାଦାନ କେନ୍ଦ୍ର, ତାରିଖ ଏବଂ ସମୟ ଆଦି ବିଷୟରେ ସୂଚନା ପ୍ରଦାନ କରାଯିବ ।

ହିତାଧିକାରୀଙ୍କ ପାଇଁ ପଞ୍ଜୀକରଣ ନିମନ୍ତେ କି କି କାଗଜପତ୍ର ଦରକାର ?

ପଞ୍ଜୀକରଣ ସମୟରେ ଆଧାରକାର୍ଡ, ଡ୍ରାଇଭିଂଲାଇସେନ୍ସ, ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ, ଏମ୍‌ଜି ନରେଗାଜବ୍‌କାର୍ଡ, ସରକାରୀ ପରିଚୟପତ୍ର ଯାହା ସାଂସଦ ଓ ବିଧାୟକଙ୍କ ଦ୍ୱାରା ଦିଆଯାଇଥିବ, ପ୍ୟାନକାର୍ଡ, ବ୍ୟାଙ୍କ ଓ ପୋଷ୍ଟ ଅଫିସର ପାସ୍‌ବୁକ୍, ପାସ୍‌ପୋର୍ଟ, ପେନସନ କାଗଜପତ୍ର, ଚାକିରି କରିଥିବା ପରିଚୟପତ୍ର (କେନ୍ଦ୍ର/ରାଜ୍ୟ) ସରକାରୀ ପିଏସ୍‌ୟୁ ଓ ପିଏଲ୍‌ସି, ଭୋଟର ପରିଚୟପତ୍ର, ଏନ୍‌ପିଆର ଅଧୀନରେ ଆରଜିଆଇ ଜାରି କରିଥିବା ରେସନକାର୍ଡଏସବୁ ମଧ୍ୟରୁ ଯେକୌଣସି ଗୋଟିଏ ଦାଖଲ କରିବାକୁ ପଡିବ ।

ମୁଁ ଟିକା ନେବାକୁ ଯୋଗ୍ୟ ବୋଲି କିପରି ଜାଣିବି ?

ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ପଞ୍ଜୀକୃତ ଟେଲିଫୋନ ମାଧ୍ୟମରେ ଟିକାଦାନ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଯୋଗାଇ ଦିଆଯିବ । ନାମ ପଞ୍ଜୀକରଣ ଏବଂ ଟିକାଦାନ କାର୍ଯ୍ୟକ୍ରମରେ ଯେପରି କୌଣସି ତ୍ରୁଟି ନ ହୁଏ ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି ।

ଟିକାଦାନ ସଂପର୍କରେ ହିତାଧିକାରୀ କିପରି ତଥ୍ୟ ପାଇବେ ?

ଅନ୍‌ଲାଇନ ରେଜିଷ୍ଟ୍ରେସନ ପରେ ହିତାଧିକାରୀଙ୍କୁ ସେମାନଙ୍କର ପଞ୍ଜୀକୃତ ମୋବାଇଲ ନମ୍ବରରେଏସ୍‌ଏମ୍‌ଏସ୍ ବାର୍ତ୍ତା ପଠାଯିବ । ସେଥିରେ ଟିକାଦାନର ତାରିଖ, ସ୍ଥାନ ଓ ସମୟ ଉଲ୍ଲେଖ ରହିବ ।

ଯଦି ଜଣେ ଅସୁସ୍ଥତା କାରଣରୁ କ୍ୟାନସର, ଡାଇବେଟିକ୍ସ ଏବଂ ରକ୍ତଚାପ ଆଦି ପାଇଁଔଷଧ ଖାଉଥିବ, ସେ ଟିକା ନେଇ ପାରିବକି ?

ହଁ, ଯେଉଁମାନେ ଏକ ବା ଏକାଧିକ ରୋଗରେ ପୀଡିତ ଥିବେ ଏବଂ ଔଷଧ ଖାଉଥିବେ ସେମାନେ କରୋନା ଟିକା ନେଇ ପାରିବେ ।

ଶରୀରରେ ରୋଗ ପ୍ରତିଷେଧକ ଶକ୍ତି କେବେ ବଢିବ ?

ଦ୍ୱିତୀୟ ଡୋଜ ଟିକାନେବାର 2ସପ୍ତାହ ପରେ ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ସୁରକ୍ଷାସ୍ତର ସାଧାରଣତଃ ବଢିଥାଏ ।

ଟିକାଦାନ କେନ୍ଦ୍ରରେ କି ପ୍ରକାର ସତର୍କତାମୂଳକ ବ୍ୟବହାର ଜଣେ ଗ୍ରହଣ କରିବା ଉଚିତ ?

ଟିକାନେବା ପରେ ଟିକାଦାନ କେନ୍ଦ୍ରରେ ଅଧଘଣ୍ଟାଏ ଅପେକ୍ଷା କରିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି । ସେମାନେ ଯଦି କିଛି ଅସୁସ୍ଥତା ଅନୁଭବ କରନ୍ତି ବା ସେମାନଙ୍କୁ ଭଲ ନ ଲାଗେ, ସେମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଅବଗତ କରାଇପାରିବେ ।

> ଆମ ଦେଶ ଟିକା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ । ମୁଁ ଯଦି କହେ କରୋନା ମହାମାରୀର ଅନ୍ତ ଆରମ୍ଭ ହୋଇଯାଇଛି ଏହା ଅତ୍ୟୁକ୍ତି ହେବନାହିଁ। ତେବେ କୋଭିଡ୍ ନିୟମ ପାଳନ କରିବା ପାଇଁମୁଁଜନସାଧାରଣଙ୍କୁ ନିବେଦନ କରୁଛି।
>
> ଡ. ହର୍ଷବର୍ଦ୍ଧନ
> କେନ୍ଦ୍ରସ୍ୱାସ୍ଥ୍ୟମନ୍ତ୍ରୀ

ଟିକାକୁ ସାଇତି ରଖିବାଏବଂ ପରିବହନ କରିବା ପାଇଁ ୱାକ୍ ଇନ୍ ପୁଲରର୍ସ, ଡିପ୍ ଫ୍ରିଜରର୍ସ, ଆଇସ୍-ଲାଇଣ୍ଡ ରେଫ୍ରିଜେରେଟର ଆଦି ଆବଶ୍ୟକ ସଂଖ୍ୟାରେଟିକାଦାନ କେନ୍ଦ୍ରକୁ ପଠାଯାଉଛି । 2021 ଜାନୁୟାରୀ 14 ସୁଦ୍ଧା ନିର୍ଦ୍ଧାରିତ କେନ୍ଦ୍ରଗୁଡିକୁ ଟିକା ପଠାଯାଇ ସାରିଥିଲା ।

ଆମର ନିରାପତ୍ତା, ଦେଶର ନିରାପତ୍ତା

ଏହି ଟିକା ଆମକୁ କରୋନା ଭୂତାଣୁ ବିରୋଧରେ ଲଢେଇ ପାଇଁ ପ୍ରତିରୋଧକ ଶକ୍ତି ଯୋଗାଇବ ଏବଂ ସଂକ୍ରମଣର ଆଂଶକାକୁ ହ୍ରାସକରିବ ।

ଦେଶୀ ଟିକା ପ୍ରଭାବଶାଳୀ ଏବଂ ଶସ୍ତା

ଉତ୍ପାଦକ	ମୂଲ୍ୟ	ତାପମାତ୍ରା
କୋଭିସିଲ୍ଡ (ଭାରତ)	**200**	**2-8** ଡିଗ୍ରୀ
କୋଭାକ୍ସିନ (ଭାରତ)	**206**	**2-8** ଡିଗ୍ରୀ
ଫାଇଜର (ବିଭିନ୍ନ ଦେଶରେବ୍ୟବହୃତ)	**1431**	**-70** ଡିଗ୍ରୀ
ମଡର୍ଣ୍ଣା	**2700**	**2-8** ଡିଗ୍ରୀ
ସିନୋଫାର୍ମ (ଚୀନ)	**5650**	**2-8** ଡିଗ୍ରୀ
ସାଇନୋୱେକ ବାୟୋଟେକ (ଚୀନ)	**1027**	**2-8** ଡିଗ୍ରୀ
ନୋଭାକ୍ସ	**1114**	**2-8** ଡିଗ୍ରୀ
ସ୍ପୁଟନିକ୍-ଭି (ରୁଷିଆର ଗାମାଲିଆସେଣ୍ଟର)	**734***	**2-8** ଡିଗ୍ରୀ
ଜନ୍‌ସନ ଆଣ୍ଡ ଜନସନ୍	**734**	**2-8** ଡିଗ୍ରୀ

ଟଙ୍କା ହିସାବରେ ଏହି ମୂଲ୍ୟ ଧାର୍ଯ୍ୟ ହୋଇଛି । ଯେତେବେଳେ ଭାରତରେ ଏହା ଉତ୍ପାଦିତ ହେବ ସେତେବେଳେ ଏହାର ମୂଲ୍ୟ ଭିନ୍ନ ରହିବ ।

କରୋନା ବିରୋଧୀ ଲଢେଇରେ ଭାରତ ବିଶ୍ୱର ନେତୃତ୍ୱ ନେଉଛି: ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁଛି

- 2020 ମାର୍ଚ୍ଚ 24ରେ ପ୍ରଧାନମନ୍ତ୍ରୀ ଯେତେବେଳେ ଲକ୍‌ଡାଉନ ଘୋଷଣା କଲେ ସେତେବେଳେ ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଥିଲା ପ୍ରାୟ 500।
- ଲକ୍‌ଡାଉନ ଯେତେବେଳେ ଘୋଷଣା ହେଲା ସେତେବେଳେ ମାତ୍ର 3 ଦିନରେ ସଂକ୍ରମଣସଂଖ୍ୟା ଦୁଇଗୁଣ ହୋଇଥିଲା ଓ ଏହିସଂଖ୍ୟା ବୃଦ୍ଧିର ବେଗ 19.6 ଶତାଂଶ ରହିଥିଲା ।
- ଲକ୍‌ଡାଉନ ଅଧିକ ବିଳମ୍ବିତ ହୋଇଥିଲେ ଏହାର କୌଣସି ଅର୍ଥ ରହି ନ ଥାନ୍ତା । ସଂକ୍ରମଣର ଲହର ଯେତେବେଳେ ଚରମସୀମାକୁ ଛୁଇଁବାକୁ ଯାଉଥିଲା ଠିକ୍ ତା ପୂର୍ବରୁ ଲକ୍‌ଡାଉନ ଜାରି କରାଯିବାରୁ ଏହା ବେଶି ଲୋକଙ୍କୁ ସଂକ୍ରମିତ କରିପାରି ନ ଥିଲା ।
- ଏହି ଆହ୍ୱାନ ସରକାରଙ୍କ ପାଇଁ ବେଶ୍ କଷ୍ଟସାଧ୍ୟ ଥିଲା । ଆହୁରି ମଧ୍ୟ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଭିତ୍ତିଭୂମି ତିଆରି କରିବା ବିଶେଷଜରୁରୀ ରହିଥିଲା ।
- ଲକ୍‌ଡାଉନ ସମୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କରାଯାଇଥିଲା । ଦେଶରେ 15362ଟି କରୋନା ଚିକିତ୍ସା ସୁବିଧା କରାଯାଇଥିବା ବେଳେ 15.40 ଲକ୍ଷ ଆଏସୋଲେସନ ବେଡ୍ ତିଆରି କରାଯାଇଥିଲା । ଅକ୍ସିଜେନ ସୁବିଧା ଥିବା 2.70 ଲକ୍ଷ ବେଡ୍ ଓ 78 ହଜାର ଆଇସିୟୁ ବେଡ୍ ପ୍ରସ୍ତୁତ କରାଯାଇଥିଲା ।
- ସରକାରୀ ହସ୍‌ପିଟାଲକୁ 32400 ଭେଣ୍ଟିଲେଟର ଯୋଗାଇ ଦିଆଯାଇ ଥିବାବେଳେ ସେସବୁ ହସପିଟାଲରେ ସେତେବେଳେ ମାତ୍ର 12000 ଭେଣ୍ଟିଲେଟର ଥିଲା ।
- ରାଜ୍ୟ ସରକାରମାନଙ୍କୁ 3.70 କୋଟି ଏନ୍-95 ମାସ୍କ ଏବଂ 1.60 କୋଟି ପିପିଇ କିଟ୍ ଯୋଗାଇ ଦିଆଯାଇଥିଲା ।

ଭାରତ ଆଉ 4ଟି ଟିକା ତିଆରି କରୁଛି

●ଜାଇଡାସ୍ କାଡିଲା:

ଅହମ୍ମଦାବାଦର ଏହି କଂପାନୀ କରୋନା ଟିକାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା 2020 ଡିସେମ୍ବରରେ ଶେଷ କରିଛି। ଏହାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଏବେ ଚାଲିଛି ।

●ସ୍ପୁଟ୍‌ନିକ୍-ଭି:

ସ୍ପୁଟ୍‌ନିକ-ଭିଟିକାରତୃତୀୟ ପର୍ଯ୍ୟାୟ କ୍ଲିନିକାଲଟ୍ରାଏଲକୁ ବିସିଜିଆଇ ଅନୁମୋଦନ କରିଛି । ଏହା ରୁଷିଆର ଗାମାଲେଆ ରିସର୍ଚ୍ଚ ପ୍ରତିଷ୍ଠାନ ଦ୍ୱାରା ବିକଶିତ ହୋଇଛି । ହାଇଦରାବାଦର ଡ. ରେଡ୍ଡିସ୍ ଲ୍ୟାବ ଏହି ଟିକାର ପରୀକ୍ଷା ଭାରତରେ କରୁଛି ।

●ବାୟୋଲଜିକାଲ-ଇ:

ଏହା ଏକ ହାଇଦରାବାଦର କଂପାନୀ। ଏହା ପ୍ରୋଟିନ ଭିତ୍ତିକ ଟିକା ତିଆରି କରୁଛି । ଏହାର ନାମ ରଖାଯାଇଛି ବିଇଭ୍ୟାକ୍ସିନ । ଆମେରିକାର ବେଲୋର କଲେଜ ଅଫ୍ ମେଡିସିନ ସହାୟତାରେ ଏହା ତିଆରି କରାଯାଉଛି। ଏବେ ଏହାର ପ୍ରଥମ ପର୍ଯ୍ୟାୟ ପରୀକ୍ଷାଚାଲିଛି। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଆସନ୍ତା ମାର୍ଚ୍ଚରେ ହେବ ।

●ଜେନୋଭା:

ପୁଣେର ଜେନୋଭା ବାୟୋ ଫର୍ମାସ୍ୟୁଟିକାଲ ବିକଶିତ କରିଥିବା ଟିକା ମଣିଷ ଉପରେ ପରୀକ୍ଷାମୂଳକ ସ୍ତରରେ ପହଞ୍ଚିଛି । ଏହା ଏକ ଏମ୍‌ଆରଏନ୍‌ଏ ଟିକାଏହାର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଚାଲିଛି । ଆସନ୍ତା ମେ ମାସରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା କରାଯିବ ।

ଅନ୍ୟାନ୍ୟ ଟିକା ତୁଳନାରେ ଭାରତୀୟ ଟିକା ଅଧିକ ପ୍ରଭାବଶାଳୀ ଓ ଶସ୍ତା । ବିଶେଷଜ୍ଞ ଗୋଷ୍ଠୀର ମୁଖ୍ୟ ଡ. ଭିକେ ପାଲ କହିଛନ୍ତି ଯେ ଏହା ଏକ ଅତି ନିରାପଦ ଟିକା । ଏହାର ପ୍ରାୟ କୌଣସି ପାଶ୍ୱର୍ ପ୍ରତିକ୍ରିୟା ନାହିଁ । ଏହା ମଧ୍ୟ ବିପଦମୁକ୍ତ । ଏହି ଟିକା ନେବା ପରେ ସାମାନ୍ୟ କ୍ଲାନ୍ତି ଏବଂ ସ୍ୱଳ୍ପ ଯନ୍ତ୍ରଣା ହୋଇପାରେ । ତେବେ ଆମକୁ ନିଶ୍ଚିତ କରିବାକୁ ହେବ ଯେ ଆମକୁ ଟିକା ନେବାକୁ ପଡିବଏବଂ ନିଜକୁ ଓ ଦେଶକୁ ରକ୍ଷା କରିବାକୁ ହେବ।

ପ୍ରଧାନମନ୍ତ୍ରୀଙ୍କ 8-କ ନୀତିରେ ଭାରତ କରୋନା ବିରୋଧରେ ଶେଷ ଆକ୍ରମଣ ଆରମ୍ଭ କରିଛି। ଏଥିରେ ଜନସହଯୋଗ, ବ୍ୟୁହ୍ସତ୍ରୀୟକାର୍ଯ୍ୟ, ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମର ଅଭିଜ୍ଞତାକୁ ଉପଯୋଗ କରାଯାଉଛି । ଟିକାଦାନ ଅଭିଯାନ କାଳର ସାଧାରଣ ସ୍ୱାସ୍ଥ୍ୟସେବା ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ଟିକାଦାନ ଅଭିଯାନରେ ସୂଚନା ପ୍ରଯୁକ୍ତି ଓ ବୈଜ୍ଞାନିକ ତଥା ନିୟାମକ ବ୍ୟବସ୍ଥାକୁ ଉପଯୋଗ କରାଯାଉଛି । ■

“କରୋନା ଟିକାକୁ ସରଳଭାବରେ ତିଆରି କରିବା ପାଇଁ 8ରୁ 10 ବର୍ଷ ଲାଗିବ; ତେବେ ଭାରତ ଏ କ୍ଷେତ୍ରରେ ପ୍ରମୁଖ ଭୂମିକାରେ ରହିଛି ।”

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ସବୁଠୁ ବଡ଼ ଟିକାଦାନ ଅଭିଯାନ ଆରମ୍ଭ ହୋଇଛି । ଟିକା ତିଆରି କରିବା ପରେ ଏହାର ଅଗ୍ରାଧିକାର, ବ୍ୟବହାର ଓ ଟିକା ପ୍ରଦାନ ବିଧି ଏବଂ ଟିକା ଦାନ ପ୍ରକ୍ରିୟାର ନୀତିନିୟମ ଭାରତ ପ୍ରସ୍ତୁତ କରିଥିଲା । ଟିକାଦାନ କାର୍ଯ୍ୟକ୍ରମକୁ ନିର୍ବାଚନ ସମୟରେ ଯେପରି ଭୋଟଦାନ ହୁଏ ସେହି ଢଙ୍ଗରେ ପରିଚାଳିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ନିଉଇଣ୍ଡିଆ ସମାଚାରର କନ୍‌ସଲଟିଂ ଏଡିଟର ସନ୍ତୋଷ କୁମାର ଟିକାଦାନ ସଂକ୍ରାନ୍ତ ଜାତୀୟ ବିଶେଷଜ୍ଞଗୋଷ୍ଠୀର ଅଧ୍ୟକ୍ଷ ତଥା ନୀତି ଆୟୋଗର ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପାଲଙ୍କ ସହ କରିଥିବା ସାକ୍ଷାତକାରର ମୁଖ୍ୟାଂଶ ତଳେ ଦିଆଗଲା ।

Q ଏଭଳି ଏକ ବିରାଟ ମହାମାରୀ ମୁକାବିଲା ଏବଂ ଏହାର ଟିକା ପ୍ରସ୍ତୁତି ଘେନି ସରକାରଙ୍କର ପ୍ରାରମ୍ଭିକ ବିଚାର କ'ଣ ଥିଲା ?

A 'ମହାମାରୀ ସମୟରେ ଭାରତ କରୋନାର ମୁକାବିଲା ପାଇଁ ବିଜ୍ଞାନ ଓ ଟେକ୍‌ନୋଲଜିକୁ ଅଗ୍ରାଧିକାର ଦେଇଥିଲା । ଗତ ଏପ୍ରିଲ ମାସରେ ହିଁ ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଇ ବୈଜ୍ଞାନିକ ଓ ବୈଷୟିକ ସମାଧାନ ପାଇଁ ରାସ୍ତା ବାହାର କରିବାକୁ ଏହାକୁ କ୍ଷମତା ପ୍ରଦାନ କରାଯାଇଥିଲା । ଏଥିରେ ଟିକାତିଆରି ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁଯୋଗସୃଷ୍ଟି ଅନ୍ତର୍ଭୁକ୍ତ ଥିଲା । ଜାତୀୟ ପରୀକ୍ଷାଗାରର ବୈଜ୍ଞାନିକଗଣ ଏବଂ ଟିକାଉଦ୍ୟୋଗର ଲୋକମାନେ ଏଥିରେ ସାମିଲ ହୋଇ ଟିକା ପ୍ରସ୍ତୁତିରେ ଲାଗି ପଡିଥିଲେ । ଯେତେବେଳେ ଟିକାତିଆରିର ସମ୍ଭାବନା ଉଜ୍ଜ୍ୱଳତର ହେଲା ସରକାର ଏଥିପାଇଁ ଆବଶ୍ୟକ ପାଣ୍ଠି ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେଲେ । ଆରମ୍ଭରୁ ଲକ୍ଷ୍ୟ ଥିଲା ଦେଶ ଭିତରେ ଟିକା ବାହାର କରିବା ଏବଂ ଉତ୍ପାଦନ କରିବା । ଭବିଷ୍ୟତରେ ମଧ୍ୟ ନୂଆଟିକା ଆସିବ ଏବଂ ପ୍ରସ୍ତୁତ ଟିକାର ପରିମାଣ ମଧ୍ୟ ବୃଦ୍ଧି ପାଇବ ।

Q ଦେଶୀ ଟିକା ତିଆରି କରିବା ଯାତ୍ରା କେତେ ଆହ୍ୱାନମୂଳକ ଥିଲା ?

A ହଁ, ଏହା ଆହ୍ୱାନମୂଳକ ଥିଲା; କିନ୍ତୁ ଆମ ବୈଜ୍ଞାନିକମାନଙ୍କର ଦକ୍ଷତା ନେଇ କୌଣସି ସନ୍ଦେହ ନ ଥିଲା । ଏବେ ତ ଫଳାଫଳ ସମସ୍ତଙ୍କ ଆଗରେ ।

Q ଟିକା ପାଇଁ ବ୍ୟାପକ କୋଲ୍ଡଚେନ୍ ପ୍ରସ୍ତୁତି ଏବଂ ଏକ ବିରାଟ ଭିତ୍ତିଭୂମି ତିଆରି କେମିତି ହୋଇପାରିଲା ?

A ଦେଖନ୍ତୁ, ଗର୍ଭବତୀ ଓ ଶିଶୁମାନଙ୍କଟିକାଦାନ କ୍ଷେତ୍ରରେଭାରତର ଏକ ଦୀର୍ଘ ଅଭିଜ୍ଞତା ରହିଛି । ପ୍ରତିବର୍ଷ 65 କୋଟିରୁ ଅଧିକ ଟିକା ପ୍ରଦାନ କରାଯାଇଥାଏ । ଏଥିପାଇଁ 90ଲକ୍ଷ କେନ୍ଦ୍ର ରହିଛି। ଆହୁରି ମଧ୍ୟ ଦେଶରେ କୋଲ୍ଡଚେନ ସୁବିଧା ଉପଲବ୍ଧ । ବର୍ତ୍ତମାନର ଆବଶ୍ୟକତା ଅନୁସାରେ ସବୁ ବ୍ୟବସ୍ଥା ସଂପନ୍ନ ହୋଇଛି । ଟିକାଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ତାଲିମ ଦିଆଯାଇଛି । ଆଇଟି ପ୍ଲାଟଫର୍ମର ସହାୟତା, ଭିତ୍ତିଭୂମି, କୋଲ୍ଡଚେନ, ପରିଚାଳନା ଓ ଯୋଜନା ଆଦି ସବୁ ଟିକିନିଖିଭାବେ

“ଆମର ଉଭୟ ଟୀକା ସୁରକ୍ଷିତ । ଯଥେଷ୍ଟ ସଂଖ୍ୟକ ତଥ୍ୟ ଉପଲବ୍ଧ ରହିଛି। ହଜାର ହଜାର ଲୋକଙ୍କ ଉପରେ ପରୀକ୍ଷା କରିବାର ଅଭିଜ୍ଞତା ଆମ ପାଖରେ ରହିଛି। ଏହା ଅତ୍ୟନ୍ତ ସୁରକ୍ଷିତ । ଅଧିକାର ପ୍ରଦାନ ଦ୍ୱାରା ଆମେ ଏହାକୁ ଆଗକୁ ନେବା ଲାଗି ସୁଯୋଗ ପାଇଛୁ। ବର୍ତ୍ତମାନ ଜାରି ରହିଥିବା ଟୀକାଗୁଡ଼ିକର କ୍ଲିନିକାଲ ପରୀକ୍ଷଣ ଫଳାଫଳ ଆସିବା ପରେ ଆମେ ଏହାକୁ ଆହୁରି ଭଲ ଭାବେ ଜାଣିପାରିବୁ। ଆମର ପରୀକ୍ଷଣ ଶେଷ ହେବା ପରେ ଆମେ ଆହୁରି ଭଲ ବୁଝାମଣା ହାସଲ କରିପାରିବୁ।

ଡ. ଭିକେ ପଲ

Q&A ଟିକାପାଇଁ ପ୍ରାଥମିକ ଗୋଷ୍ଠୀ ବାଛିବାରେ ଜଣେବିଶେଷଜ୍ଞ ହିସାବରେ ଆପଣ କିଛି କହିବେକି

ମୋର କହିବା କଥା ହେଲା ଟିକାଦାନ ଅଭିଯାନ ପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ଆରମ୍ଭ ହୋଇଛି । କାରଣ ସେମାନେ ଅଧିକ ସଂକ୍ରମଣପ୍ରବଣ । ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ସେମାନେ ନିଜ ଜୀବନକୁ ବାଜି ଲଗାଇଛନ୍ତି। ଆମର ଏକ ନିରାପଦ ଓ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟଟିମ୍ ଦରକାର । ତେଣୁ ସେମାନେ ପ୍ରଥମେ ସୁରକ୍ଷିତ ହେବା ଉଚିତ । ଏହା ପରେ ସମ୍ମୁଖ ଧାଡିର କର୍ମୀମାନଙ୍କୁ ଟିକା ଦିଆଯିବ । ତାହା ପରେ 50 ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟିକା ପ୍ରଦାନ କରାଯିବ। ନିର୍ବାଚନ ଯେପରି କରାଯାଏ ସେହି ପ୍ରକ୍ରିୟାରେ ଟିକାଦାନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ଲୋକେବୁଥିକୁ ଆସିବେ, ଅପେକ୍ଷା କରିବେ, ଟିକା ନେବେ ଏବଂ କିଛି ସମୟ ଅପେକ୍ଷା କରି ନିଜ ନିଜ ଘରକୁ ଫେରିବେ ।

କରାଯାଇଛି । ହିତାଧିକାରୀମାନଙ୍କୁ ଚିହ୍ନଟ କରିବା, ସେମାନଙ୍କୁ କେଉଁଠି କେଉଁ ତାରିଖରେ କେତେବେଳେ ଟିକା ଦିଆଯିବ ସେ କଥା ମଧ୍ୟ ଜଣାଇବାର ବ୍ୟବସ୍ଥା କରାଯାଇଛି । ଏହା ଦ୍ୱାରା ଲୋକଙ୍କର ବିଶ୍ୱାସ ବଢିବ ।

Q କୋଲ୍ଡଚେନ ସୁବିଧାବଢାଇବା ପାଇଁ କ'ଣ କରାଯାଇଛି ?

A ଆମର 4ଟି ବୃହତ୍, ପ୍ରାୟ 35ଟି ମଧ୍ୟମ ମେଡିକାଲ ଡିପୋସହିତମୋଟ 39ଟି ଶୀତଳଭଣ୍ଡାର ବ୍ୟବସ୍ଥା ରହିଛି। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ପର୍ଯ୍ୟାୟଭଳି ନୂଆ ଡିପୋମାନ ତିଆରି କରାଯାଇଛି । ଅନ୍ୟାନ୍ୟ କେତେକ ବ୍ୟବସ୍ଥାରେ ଏବେ ଦେଶରେ ଔଷଧ ସଂରକ୍ଷଣ କେନ୍ଦ୍ରସଂଖ୍ୟା 60କୁ ବୃଦ୍ଧିକରାଯାଇଛି । ଏହାଛଡା ଦେଶରେ 29 ହଜାର କୋଲ୍ଡଚେନ ପଏଣ୍ଟ ସୃଷ୍ଟି କରାଯାଉଛି । ଯେଉଁଠି ଔଷଧକୁ ମଧ୍ୟ ମହଜୁଦ ରଖାଯିବ । ଟିକାଦାନ ସମୟରେ ଏହି ସବୁ କେନ୍ଦ୍ରରୁ ଟିକା ଅଣାଯାଇ ତାହାକୁ ବ୍ୟବହାର କରାଯିବ ।

Q ସମସ୍ତଙ୍କୁ ଟିକା ଦେବା ସୁବିଧା ଯୋଗାଇବା ଏକ ବଡ଼ ଆହ୍ୱାନ । ଏ ନେଇ ସରକାରଙ୍କ ପ୍ରସ୍ତୁତି କ'ଣ ?

A ହଁ, ବଡ଼ଧରଣରଟିକାଦାନ ଅଭିଯାନ ଏକ ବଡ଼ ଆହ୍ୱାନ ମଧ୍ୟ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ 30 କୋଟି ଲୋକ ଟିକା ନେବେ । ତେବେ ଆହୁରି ଅଧିକ ଲୋକଙ୍କୁ ଟିକା ଦେବାର ଆବଶ୍ୟକତା ରହିଛି । ଏହି ଆବଶ୍ୟକତା ପୂରଣକରିବା ପାଇଁ ଉପଲବ୍ଧ ଟିକା ପରିମାଣ ତଥାପି କମ୍ ରହିଛି ।

Q ପରବର୍ତ୍ତୀ ପର୍ଯ୍ୟାୟଟିକାଦାନ କେବେ ଆରମ୍ଭ ହେବ ??

A 30କୋଟି ଲୋକଙ୍କୁ ଟିକା ଦେବାପାଇଁ 7-8 ମାସ ଲାଗିବ । ତେବେ ଅଧିକ ଟିକା ଉପଲବ୍ଧ ହେଲେ ଟିକାଦାନ ଅଭିଯାନକୁ ମଧ୍ୟ ଦ୍ରୁତତର କରାଯିବ ।.

Q ରାଜ୍ୟମାନଙ୍କୁ ସାଙ୍ଗରେ ନେଇ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାରେ ଏକ ବଡ ଉଦାହରଣ ଦେଇଛନ୍ତି । ଏଥିରେ ସମନ୍ୱୟର କୌଣସି ଅଭାବ ରହିଛି କି ?

A ନା, ଏଥିରେ କୌଣସି ଅସୁବିଧା ନାହିଁ । କରୋନାର ମୁକାବିଲା ପାଇଁ ଯେଉଁମାର୍ଗ ଓ ପ୍ରଣାଳୀ ଅବଲମ୍ବନ କରାଯାଉଛି ତାହା ଠିକ୍ ଅଛି । ସବୁବେଳେ ସାଧାରଣରେ ମତ ପ୍ରକାଶ ପାଉଛି ଯେ ଟିକାଦେବା ଆରମ୍ଭ କର । ଟିକା ପ୍ରସ୍ତୁତିଠାରୁ ଏହାର ପ୍ରୟୋଗ ପର୍ଯ୍ୟନ୍ତ ସବୁକାମ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଚାଲିଛି । ଏହି ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀଗଣ, ବିଭିନ୍ନ ପ୍ରତିନିଧି ଆଦି ସାମିଲ ହୋଇଛନ୍ତି ।

Q ଟିକା ପାଇଁ ମୋଟ କେତେ ଅର୍ଥ ଖର୍ଚ୍ଚ ହେବ ?

A ଏଥିପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ଏବେ ତାହା କହିବା ଠିକ୍ ହେବନାହିଁ । ବର୍ତ୍ତମାନ ଖୁବ୍ କମ୍ ସଂଖ୍ୟକ ଟିକା କିଣାଯାଇଛି। ଭବିଷ୍ୟତରେ ଅଧିକ ଟିକାକିଣାଯିବ । କେବଳ ଟିକା ପାଇଁ ଅର୍ଥ ଖର୍ଚ୍ଚ ହେଉନାହିଁ । ଟିକାର ପ୍ରଚାର, ସଚେତନତା ଅଭିଯାନ ଓ ସିରିଞ୍ଜ ପାଇଁ ମଧ୍ୟ ଅର୍ଥ ଖର୍ଚ୍ଚହେଉଛି । ଯେତେବେଳେ କାମ ଏକ ବ୍ୟାପକ ସ୍ତରରେ ହେଉଛି ସେତେବେଳେ ଅନ୍ୟାନ୍ୟ ଖର୍ଚ୍ଚ ବଢିବା ସ୍ୱାଭାବିକ । ଏଥିରେ ଖର୍ଚ୍ଚ କାଟ କରିହେବ ନାହିଁ ।

Q କରୋନା ବିରୋଧୀ ଲଢେଇରେ ଭାରତର ଉଦ୍ୟମ ଏବଂ ଟିକା ତିଆରିକୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ଦେଶ ପ୍ରଶଂସା କରିଛନ୍ତି । ଜଣେ ବିଶେଷଜ୍ଞ ହିସାବରେ ଆପଣଙ୍କ ମତ କ'ଣ ?

A କରୋନା ବିରୋଧୀ ଲଢେଇରେ ଭାରତର ଉପଲବ୍ଧିରେ ମୁଁବିଶେଷଖୁସି । ପ୍ରାରମ୍ଭିକ ଅବସ୍ଥାରେ ମଧ୍ୟ ଆଏସୋଲେସନ ବେଡ୍ କରୋନାରୋଗୀଙ୍କ ପାଇଁ ପ୍ରସ୍ତୁତହୋଇଥିଲା । ଆଗରୁ ଆମେ ଭେଣ୍ଟିଲେଟରଏବଂ ପିପିଇକିଟ୍ ପ୍ରସ୍ତୁତକରୁ ନ ଥିଲୁ । ଏବେ ଆମେ ସେସବୁ ରପ୍ତାନୀ କରୁଛୁ । ଶୂନ୍ୟରୁ ଆରମ୍ଭ କରି ଆମେ ଏବେ ଦୈନିକ 15ଲକ୍ଷ ଲୋକଙ୍କ ପରୀକ୍ଷା କରିବାର ଦକ୍ଷତା ହାସଲ କରିଛୁ । ଲକ୍‌ଡାଉନ ଯୋଗୁଁ ଦେଶରେ ସଂକ୍ରମଣହାର ହ୍ରାସ ପାଇଥିଲା ଏବଂଏହା ମଧ୍ୟ ମୃତ୍ୟୁହାରକୁ 1.4 ଶତାଂଶରେ ସୀମିତ ରଖିବାରେ ସହାୟକ ହୋଇଥିଲା । ■

ପ୍ରଯୁକ୍ତିର ଉପଯୋଗ ଦ୍ୱାରା ସମସ୍ତଙ୍କ ପାଇଁ ବାସଗୃହ

ନିଜସ୍ୱ ବାସଗୃହ ଯେକୌଣସି ଜଣେ ବ୍ୟକ୍ତିକୁ ନିଜର ଆତ୍ମସମ୍ମାନ, ଆତ୍ମବିଶ୍ୱାସ, ନିରାପତ୍ତା ଏବଂ ପରିଚୟ ପ୍ରଦାନ କରିଥାଏ । 2022 ମସିହା ସୁଦ୍ଧା ଦେଶର ସମସ୍ତ ନାଗରିକମାନଙ୍କ ସକାଶେ ବାସଗୃହ ଯୋଗାଇ ଦେବାଲାଗି ସରକାର ନିକଟରେ ଲାଇଟ୍ ହାଉସ୍ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ଯାହାକି ଦେଶର ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ବୈଶ୍ୱିକ ପ୍ରଯୁକ୍ତି ଉପଯୋଗ ଦ୍ୱାରା ନିର୍ମିତ ବାସଗୃହ ସୁଲଭ ମୂଲ୍ୟରେ ଯୋଗାଇଦେବେ।

ଘର କହିଲେ କେବଳ ଲୋକମାନେ ବାସ କରୁଥିବା ଏକ ସ୍ଥାନକୁ ବୁଝାଏ ନାହିଁ ବରଂ ଏଥି ସହ ଅନେକ ଭାବାବେଗ ଓ ସ୍ମୃତି ଜଡ଼ିତ ହୋଇ ରହିଥାଏ । ଏହା ମଧ୍ୟ ଜଣେ ବ୍ୟକ୍ତିକୁ ଆତ୍ମସମ୍ମାନ ଓ ନିରାପତ୍ତା ଯୋଗାଇ ଦେଇଥାଏ । 2014 ମସିହାରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରେ, ସେ ଏକଥା ସ୍ପଷ୍ଟ କରିଥିଲେ ଯେ 2022 ମସିହା ସୁଦ୍ଧା ଦେଶର ପ୍ରତ୍ୟେକ ପରିବାରଙ୍କୁ ବାସଗୃହ ଯୋଗାଣ ସୁନିଶ୍ଚିତ କରିବା ତାଙ୍କର ସ୍ୱପ୍ନ । ଏପର୍ଯ୍ୟନ୍ତ, ପ୍ରଧାନମନ୍ତ୍ରୀ ଆୱାସ ଯୋଜନା- ସହରାଞ୍ଚଳ (ପିଏମଏୱାଇ (ୟୁ)) ମାଧ୍ୟମରେ ପ୍ରାୟ 1.10 କୋଟି ବାସଗୃହ ମଂଜୁର କରାଯାଇଛି । ସେହିଭଳି ଗ୍ରାମାଞ୍ଚଳରେ ଦୁଇ କୋଟି ବାସଗୃହ ନିର୍ମିତ ହୋଇସାରିଛି ।

ଦେଶରେ କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ସହ, ଭାରତର ବାସଗୃହ ନିର୍ମାଣ ଆବଶ୍ୟକତାରେ ମଧ୍ୟ ପରିବର୍ତ୍ତନ ଘଟିଚାଲିଛି । ସେହି ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ, ଅତ୍ୟାଧୁନିକ ତଥା ବିକଳ୍ପ ବୈଶ୍ୱିକ ଅଭିନବ ପ୍ରଯୁକ୍ତି ଏକାନ୍ତ ଜରୁରୀ। ବର୍ତ୍ତମାନ, ବାସଗୃହ ନିର୍ମାଣ ନିମନ୍ତେ ସରକାର ଅତ୍ୟାଧୁନିକ ପ୍ରଯୁକ୍ତିର ଉପଯୋଗ କରୁଛନ୍ତି ଯାହାର ଦୀର୍ଘ ସ୍ଥାୟୀତ୍ୱ, ଜଳବାୟୁ ଅନୁକୂଳ, ସୁଲଭତା ତଥା ନିରାପତ୍ତା ରହିଛି ।

2021 ମସିହାର ପ୍ରଥମ ଦିନରେ ହିଁ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ଛଅଟି ରାଜ୍ୟରେ ଏହି ଲାଇଟ ହାଉସ ପ୍ରକଳ୍ପ (LSP)ର ଶୁଭାରମ୍ଭ କରିଛନ୍ତି ଯାହାକି ବୈଶ୍ୱିକ ବାସଗୃହ ନିର୍ମାଣ ପ୍ରଯୁକ୍ତି ଚାଲେଞ୍ଜ (GSTC) ଅଧୀନରେ କାର୍ଯ୍ୟକାରୀ କରାଯିବ ।

ଲାଇଟ୍ ହାଉସ୍ ପ୍ରକଳ୍ପ ଦେଶରେ ଏକ ନୂତନ ବାତାବରଣ ସୃଷ୍ଟି କରିବ ଯେଉଁଥିରେ ବୈଶ୍ୱିକ ପ୍ରମାଣସିଦ୍ଧ ପ୍ରଯୁକ୍ତିକୁ ଅଧିଗ୍ରହଣ କରାଯିବ । ଏହି ପ୍ରଯୁକ୍ତି ଯେତିକି ସୁଲଭ, ସେତିକି

ବୈଶ୍ୱିକ ବାସଗୃହ ନିର୍ମାଣ ପ୍ରଯୁକ୍ତି ଚାଲେଞ୍ଜ- ଭାରତ (ଜିଏଚଟିସି-1) ଏବଂ ନବରୀତି

କେନ୍ଦ୍ର ବାସଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ କରାଯାଇଥିବା ଜିଏଚଟିସି-1 କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ସାରା ବିଶ୍ୱରେ ବ୍ୟବହୃତ ହେଉଥିବା ଅଭିନବ ନିର୍ମାଣ ପ୍ରଯୁକ୍ତିକୁ ଚିହ୍ନଟ କରି ଏହାକୁ ଏକତ୍ରିତ କରିବା ଯାହାକି ଦେଶର ବାସଗୃହ ନିର୍ମାଣ କ୍ଷେତ୍ର ପାଇଁ ଏକ ଦୀର୍ଘସ୍ଥାୟୀ, ପରିବେଶ ଅନୁକୂଳ ଓ ବିପର୍ଯ୍ୟୟ ସହନଶୀଳତା ଯୋଗାଇ ପାରିବ । ଜିଏଚଟିସି-1ର ଅଭିପ୍ରାୟ ହେଲା ସାରା ବିଶ୍ୱରେ ଉପଲବ୍ଧ ସମସ୍ତ ପ୍ରକାର ଅଭିନବ ନିର୍ମାଣ ପ୍ରଯୁକ୍ତିକୁ ଏକ ଚାଲେଞ୍ଜ ଆଧାରିତ ପ୍ରକ୍ରିୟାରେ ଠୂଳ କରିବା । ଏହା ଫଳରେ ହିତାଧିକାରୀମାନଙ୍କୁ ସର୍ବନିମ୍ନ ସମୟରେ ଅବସ୍ଥାନଯୋଗ୍ୟ ବାସଗୃହ ଉପଲବ୍ଧ ହୋଇପାରିବ ଏବଂ ସର୍ବନିମ୍ନ ମୂଲ୍ୟରେ ଅତି ମାତ୍ରାରେ ଉଚ୍ଚ ମାନଯୁକ୍ତ ବାସଗୃହ ପୋଷଣୀୟ ଭାବେ ନିର୍ମିତ ହୋଇପାରିବ । ଏହି ଚାଲେଞ୍ଜ ଭବିଷ୍ୟତର ସମ୍ଭାବ୍ୟ ପ୍ରଯୁକ୍ତିକୁ ଇନକ୍ୟୁବେସନ୍ ସହଯୋଗ ଓ ଆସିଲେରେଟର କର୍ମଶାଳା ଆଦି ମାଧ୍ୟମରେ ପ୍ରୋତ୍ସାହିତ କରାଯିବ । ଏହା ଦ୍ୱାରା ପର୍ଯ୍ୟାବରଣ ସଂପର୍କୀତ ଗବେଷଣା ଓ ବିକାଶର ବାତାବରଣ ଦେଶରେ ସୃଷ୍ଟି ହୋଇପାରିବ । ଜିଏଚଟିସି- ଭାରତ 2019ରେ ମୋଟ 54ଟି ପ୍ରଯୁକ୍ତିକୁ ଚୂଡ଼ାନ୍ତ ତାଲିକାରେ ସାମିଲ କରାଯାଇଥିଲା । ଏଲଏଚପି ଅଧୀନରେ ଛଅଟି ପ୍ରମୁଖ ପ୍ରଯୁକ୍ତିର ଉପଯୋଗ କରାଯାଇ ଏବେ ଭାରତରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ।

'ନବରୀତି' (ନିଉ, ଆଫୋଡେବଲ, ଭାଲିଡେଟେଡ୍, ରିସର୍ଚ୍ଚ ଇନୋଭେସନ ଟେକ୍ନୋଲୋଜିଜ ଫର୍ ଇଣ୍ଡିଆନ୍ ହାଉସିଂ)- ନାମକ ଏକ ଅଭିନବ ନିର୍ମାଣ ପ୍ରଯୁକ୍ତି ସାର୍ଟିଫିକେସନ ପାଠ୍ୟକ୍ରମ ୨୦୧୯ରୁ ପ୍ରବର୍ତ୍ତନ କରାଯାଇଛି। ଏହା କେବଳ ଏହି କ୍ଷେତ୍ରରେ କାର୍ଯ୍ୟରତ ପ୍ରଫେସନାଲମାନଙ୍କୁ ସର୍ବାଧୁନିକ ଉପକରଣ ଓ ପ୍ରଯୁକ୍ତି ସହିତ ସୁପରିଚିତ କରିନଥାଏ, ଅପରନ୍ତୁ ସମ୍ପଦ, ଏହାର ନିର୍ଦ୍ଦିଷ୍ଟତା, କାର୍ଯ୍ୟଦକ୍ଷତା, ଡିଜାଇନ ଓ ନିର୍ମାଣ କୌଶଳ ଆଦି ସଂପର୍କରେ ସେହିସବୁ ସର୍ବାଧୁନିକ ନିର୍ମାଣ ଉପକରଣ ଓ ପ୍ରଯୁକ୍ତି ସଂପର୍କରେ ସକଳ ପ୍ରକାର ସଚେତନତା ମଧ୍ୟ ବୃଦ୍ଧି କରିଥାଏ।ଏହା ଦ୍ୱାରା ପେଶାଦାର ଲୋକମାନେ ସହଜରେ ଓ ସଫଳତାର ସହିତ ଏଭଳି ଉପକରଣ ଓ ପ୍ରଯୁକ୍ତିକୁ ସେମାନଙ୍କର ନିର୍ମାଣ କାର୍ଯ୍ୟରେ ଉପଯୋଗ କରିପାରିବେ ।

> "ଆମ ନିକଟରେ ଅନେକ କଥା ଅଛି ଯାହାକି କୌଣସି ବିଧିଗତ ପରିବର୍ତ୍ତନ ବିନା ଚାଲିଥାଏ। ବାସଗୃହ ନିର୍ମାଣ ପ୍ରସଙ୍ଗ ନିର୍ଦ୍ଦିଷ୍ଟ ଭାବେ ଏଇ ଭଳି ଏକ ଉଦାହରଣ । ଆମେ ଏଥିରେ ପରିବର୍ତ୍ତନ ଘଟାଇବା ସକାଶେ ସଂକଳ୍ପବଦ୍ଧ ହୋଇଥିଲୁ । ଆମ ଦେଶକୁ ଉତ୍ତମ ପ୍ରଯୁକ୍ତି ଭଲା ନମିଳିବ କାହିଁକି? ଆମ ଦେଶର ଗରିବ ଲୋକଙ୍କୁ କାହିଁକି ଦୀର୍ଘସ୍ଥାୟୀ ଉତ୍ତମ ବାସଗୃହ ଉପଲବ୍ଧ ନହେବ? ଘରସବୁ କାହିଁକି ତୁରନ୍ତ ନିର୍ମିତ ହେବନାହିଁ? ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟ ସକାଶେ ଏହା ଜରୁରି ଯେ ସେହିସବୁ ବାସଗୃହ କୌଣସି ପ୍ରକାର ଦୁର୍ବଳ କିମ୍ବା ସ୍ୱଳ୍ପ ଆୟୁକ୍ଷମ ହେବା ଉଚିତ ନୁହେଁ, ବରଂ ତାହା ଷ୍ଟାର୍ଟଅପ୍ ଭଳି ସକ୍ରିୟ ଓ ଉପଯୁକ୍ତ ମାନର ହେବା ବାଛନୀୟ ।
>
> **ପ୍ରଧାନମନ୍ତ୍ରୀ**
> **ନରେନ୍ଦ୍ର ମୋଦୀ**

ଛଅଟି ସ୍ଥାନ, ଛଅଟି ପ୍ରଯୁକ୍ତି

ଇନ୍ଦୋରରେ ଏଲଏଚପି ଚୀନର "ପ୍ରାକ୍ ନିର୍ମିତ ସାଣ୍ଡୱିଚ୍ ପାନେଲ ବ୍ୟବସ୍ଥା"କୁ ପ୍ରଦର୍ଶିତ କରିବ ।

ରାଜକୋଟରେ, ଫ୍ରାନ୍ସରୁ ଆରମ୍ଭ ହୋଇଥିବା 'ମୋନୋଲିଥିକ୍ କଂକ୍ରିଟ୍ ବ୍ୟବସ୍ଥା' ଉପଯୋଗ କରାଯାଇ ଏଲଏଚପି ମାଧ୍ୟମରେ ବାସଗୃହମାନ ନିର୍ମିତ ହେବ ।

ଚେନ୍ନାଇରେ 'ପ୍ରିକାଷ୍ଟ କଂକ୍ରିଟ୍ ନିର୍ମାଣ ବ୍ୟବସ୍ଥା' ଯାହାକି ଫିନଲାଣ୍ଡ ଓ ଆମେରିକାରୁ ଅଣାଯାଇଛି ତାହାର ଉପଯୋଗ କରାଯାଇ ଘରମାନ ନିର୍ମିତ ହେବ ।

ରାଞ୍ଚଠରେ ଏଲଏଚପି ଜର୍ମାନୀରୁ ପ୍ରାରମ୍ଭ ହୋଇଥିବା '3ଡ଼ି ଭୋଲ୍ୟୁମେଟ୍ରିକ୍ ପ୍ରିକାଷ୍ଟ କଂକ୍ରିଟ୍ ନିର୍ମାଣ ବ୍ୟବସ୍ଥା' ବ୍ୟବହାର କରି ବାସଗୃହ ନିର୍ମାଣ କରାଯିବ ।

ଅଗରତାଲାରେ, ନ୍ୟୁଜିଲାଣ୍ଡରୁ ଆନୀତ 'ଷ୍ଟ୍ରକଚରାଲ ଷ୍ଟିଲ ଫ୍ରେମ୍ ଓ ହାଲୁକା ଗେଜର ଷ୍ଟିଲ ଇନଷ୍ଟିଲ୍ ପାନେଲ' ବ୍ୟବହାର କରାଯାଇ ଏଭଳି ବାସଗୃହ ନିର୍ମାଣ କରାଯିବ ।



ଲକ୍ଷ୍ନୌରେ, କାନାଡାର ପ୍ରଯୁକ୍ତିର ଉପଯୋଗ କରାଯିବ। ଅର୍ଥାତ୍, 'ପିଭିସି ଷ୍ଟେ ଇନ୍ ପ୍ଲେସ୍ ଫ୍ରେମ୍ୱାର୍କ ସିଷ୍ଟମ'ର ସହାୟତା ନିଆଯାଇ ଗୃହନିର୍ମାଣ କରାଯିବ ।

ମାତ୍ରାରେ ପର୍ଯ୍ୟାବରଣ ଅନୁକୂଳ ଓ ଦ୍ରୁତତର ନିର୍ମାଣ ନିମନ୍ତେ ସହାୟକ । ଏହିସବୁ ପ୍ରକଳ୍ପ ମାତ୍ର 12 ମାସ ମଧ୍ୟରେ ହିତାଧିକାରୀ ଅବସ୍ଥାନଯୋଗ୍ୟ ବାସଗୃହ ନିର୍ମାଣରେ ସହାୟକ ହେବ । ଏଲଏଚପି ଅଧୀନରେ ନିର୍ମିତ ସମସ୍ତ ବାସଗୃହର ସର୍ବନିମ୍ନ ଆକାର ପିଏମଏୟୁ(ୟୁ)ର ପ୍ରଚଳିତ ନିୟମାବଳୀ ଅନୁସାରେ ନିର୍ଦ୍ଧାରଣ କରାଯାଇଛି । ଏହି ପ୍ରକଳ୍ପ ଅଧୀନରେ ପ୍ରାୟ 1000ଟି ବାସଗୃହ ନିର୍ମାଣ କରାଯିବ ଏବଂ ସେଥିପାଇଁ ପ୍ରକଳ୍ପ ସ୍ଥଳର ବିକାଶ ଯଥା ଆଭ୍ୟନ୍ତରୀଣ ସଡ଼କ, ଚଲାବାଟ,ଜନସାଧାରଣଙ୍କ ବ୍ୟବହାର ପାଇଁ ସବୁଜ କ୍ଷେତ୍ର, ପ୍ରାଚୀର କାନ୍ଥ, ଜଳ ଯୋଗାଣ, ସିୱେଜ୍, ବର୍ଜ୍ୟଜଳ ନିଷ୍କାସନ, ବର୍ଷାଜଳ ଅମଳ, ସୌର ବତୀ, ବାହ୍ୟ ବିଦ୍ୟୁତିକରଣ ଇତ୍ୟାଦି ସାମିଲ ରହିଛି । ■

ସାଧାରଣତନ୍ତ୍ର ଦିବସ ସମାରୋହର ଝଲକ

ଜାତୀୟ ଯୁଦ୍ଧ ସ୍ମାରକ ପରିସରରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

72ତମ ସାଧାରଣତନ୍ତ୍ର ଦିବସ ସମାରୋହ ସ୍ଥଳରେ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ରାଫେଲ ଯୁଦ୍ଧ ବିମାନ (ମଝି) ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସ ସମାରୋହରେ ସାମିଲ ହୋଇଛି

72ତମ ସାଧାରଣତନ୍ତ୍ର ଦିବସ ପରେଡକୁ ଦେଖିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ରାଷ୍ଟ୍ରପତି ରାମ ନାଥ କୋବିନ୍ଦଙ୍କ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

ସୀମା ସୁରକ୍ଷା ବାହିନୀ (ବିଏସଏଫ) ଓଟ ବାହିନୀ

ଆକାଶମାର୍ଗରୁ ସମାରୋହସ୍ଥଳୀର ଦୃଶ୍ୟ



ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ବାଳିକା ବାହିନୀର ପରେଡ

ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନଏସଜି) ବାହିନୀର ପରେଡ

ଫ୍ଲାଇଟ ଲେପ୍ଟନାଣ୍ଟ ଭାବନା କାନ୍ତ ପ୍ରଥମ ମହିଳା ଯୁଦ୍ଧ ବିମାନ ପାଇଲଟ ଭାବେ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ଅଂଶଗ୍ରହଣ କରିଛନ୍ତି।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରଜ୍ଞାପନ ମେଢ଼

ରାଜପଥରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ସ୍କୁଲ ଛାତ୍ରଛାତ୍ରୀ

ଉତ୍ତର ପ୍ରଦେଶର ପ୍ରଜ୍ଞାପନ ମେଢ଼

ବାୟୋଟେକ୍ନୋଲୋଜି ବିଭାଗର ପ୍ରଜ୍ଞାପନ ମେଢ଼

ସଂସ୍କୃତି ମନ୍ତ୍ରଣାଳୟର ପ୍ରଜ୍ଞାପନ ମେଢ଼

ସିଆରପିଏଫର ପ୍ରଜ୍ଞାପନ ମେଢ଼

ସାଧାରଣତନ୍ତ୍ର ଦିବସ ସମାରୋହରେ କେନ୍ଦ୍ରଶାସିତ ପ୍ରଦେଶ ଲଦାଖର ସର୍ବପ୍ରଥମ ପ୍ରଜ୍ଞାପନ ମେଢ଼

1 ରାଷ୍ଟ୍ର ରାଜିନାମା ସେବା

ଏକ ସମନ୍ୱିତ ଭାରତ ନିର୍ମାଣ ଦିଗରେ ଅଗ୍ରସର

ଏହା ସାଧାରଣ ଲୋକଙ୍କ ସ୍ୱାଭାବିକ ଜୀବନ ହେଉ ବା ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ମାଧ୍ୟମ ହେଉ, ସରକାରଙ୍କ ମହତ୍ୱାକାଂକ୍ଷୀ ଓ ଦୂରଦୃଷ୍ଟି ସଂପନ୍ନ ବିଚାର ମାଧ୍ୟମରେ ଭାରତ ସେ ଦିଗରେ ଗତି କରିବାସହ ପରସ୍ପରକୁ ଏକ ସୂତ୍ରରେ ବାନ୍ଧି ରହିବାକୁ ଉଦ୍ୟମ ଚଳାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ କୋଚି-ମାଙ୍ଗାଲୁରୁ ପ୍ରାକୃତିକ ଗ୍ୟାସ୍ ପାଇପ ଲାଇନକୁ ଉଦ୍‌ଘାଟନ କରିଛନ୍ତି। ଏହାର ଲକ୍ଷ୍ୟ ହେଲା ଏକ ରାଷ୍ଟ୍ର, ଏକ ଗ୍ୟାସ୍ ଗ୍ରୀଡ ସୃଷ୍ଟି କରିବା । ସେହିଭଳି ଡିସେମ୍ବର 2020ରେ ଗୋଟିଏ ରାଷ୍ଟ୍ର, ଗୋଟିଏ ମୋବିଲିଟି କାର୍ଡସେବା ଆରମ୍ଭ ହୋଇଥିଲା। ଦେଶର ପ୍ରଥମ ଡ୍ରାଇଭର ବିହୀନ ଟ୍ରେନ ଚଳାଚଳ ସହିତ ଏହି ଟ୍ରେନ ଦିଲ୍ଲୀ ମେଟ୍ରୋର ମ୍ୟାଜେଣ୍ଟା ଲାଇନରେ ଚଳାଚଳ କରିଥିଲା। ଏହାଛଡା ଆୟୁଷ୍ମାନ ଭାରତ, ପିଏମ୍ ଜୟେସେହତ୍ ଯୋଜନା ଜାମ୍ମୁ କାଶ୍ମୀରର ସବୁ ନାଗରିକଙ୍କ ପାଇଁ ଆରମ୍ଭ କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଣ କାର୍ଯ୍ୟ ହାତକୁ ନିଆଯାଇଥିଲା ।

ଏକ ରାଷ୍ଟ୍ର, ଏକ ରେସନ କାର୍ଡ ବ୍ୟବସ୍ଥା ପ୍ରବର୍ତ୍ତନ ପରେ ଏକ ରାଷ୍ଟ୍ର, ଏକ ପରୀକ୍ଷା, ଗୋଟିଏ ଦେଶ, ଗୋଟିଏ ଟିକସ କାର୍ଯ୍ୟକାରୀ ହେଲା । ଏବେ ସରକାର ଏକ ରାଷ୍ଟ୍ର, ଏକ ଗ୍ୟାସ୍ ଗ୍ରୀଡ, ଏକ ରାଷ୍ଟ୍ର ଏକ ମୋବିଲିଟି କାର୍ଡ ସେବା ମଧ ଆରମ୍ଭ କରିଛନ୍ତି । ଚଳିତ ବର୍ଷ ଜାନୁୟାରୀ 5 ତାରିଖରେ ପ୍ରଧାନମନ୍ତ୍ରୀ କୋଚି-ମାଙ୍ଗାଲୁରୁ 450 କିମି ଲମ୍ବ ଗ୍ୟାସ୍ ପାଇପ ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଏକ ରାଷ୍ଟ୍ର, ଏକ ଗ୍ୟାସ୍ ଗ୍ରୀଡ ଯୋଜନାର ଅଂଶବିଶେଷ । ଗତବର୍ଷ କେନ୍ଦ୍ରବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତରାମନ୍ ଏହା ଘୋଷଣା କରିଥିଲେ। ଏହାମାଧ୍ୟମରେ ସରକାର ସମଗ୍ର ଦେଶରେ ସମାନ ଗ୍ୟାସ୍ ଟାରିଫ ଲାଗୁ କରିବାକୁ ଚାହାନ୍ତି। ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ସରକାର ଉର୍ଜ୍ଜାକ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନକୁ ଗୁରୁତ୍ୱ ଦେଉଛନ୍ତି । ଗ୍ୟାସ୍ ବ୍ୟବହାର ଫଳରେ ସମଗ୍ର ଦେଶରେ ଉର୍ଜ୍ଜା ଉପଯୋଗ ଦୁଇଗୁଣରୁ ଅଧିକ ହେବ ଏବଂସମଗ୍ର ଦେଶ ଗ୍ୟାସ୍ ପାଇପ ଲାଇନ ଦ୍ୱାରା ସଂଯୁକ୍ତ ହେବା ସହିତ ଜନସାଧାରଣ ଏବଂ ଉଦ୍ୟୋଗ ସମୂହକୁ ଶସ୍ତାରେ ଗ୍ୟାସ ଯୋଗାଇ ଦିଆଯିବ ।

> ଆମେ ସ୍ୱଚ୍ଛ, ସୁଲଭ ଓ ନିରନ୍ତର ଉର୍ଜ୍ଜା ଯୋଗାଣ ଦିଗରେ କାର୍ଯ୍ୟ କରୁଛୁ । ଭାରତରେ 2014ରେ 14 କୋଟି ଏଲ୍‌ପିଜି ସଂଯୋଗ ଥିଲା । ଗତ 6 ବର୍ଷ ମଧ୍ୟରେ ସମାନ ସଂଖ୍ୟକ ନୂଆ ଏଲପିଜି ସଂଯୋଗ ଲୋକଙ୍କୁ ଯୋଗାଇ ଦିଆଯାଇଛି । ୮ କୋଟିରୁ ଅଧିକ ଗରିବ ପରିବାର ଏବେ ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ୍ ପାଉଛନ୍ତି ଏବଂ ଏହା ଦ୍ୱାରା ଏଲପିଜି ଭିତ୍ତିଭୂମି ସମଗ୍ର ଦେଶରେ ସୁଦୃଢ ହୋଇଛି ।
> - ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ପ୍ରମୁଖ ବିନ୍ଦୁ

- ସରକାର ରାଜପଥ, ରେଳପଥ, ମେଟ୍ରୋ, ଉଡାଣ, ଜଳ, ଡିଜିଟାଲ ଏବଂ ଗ୍ୟାସ୍ ସଂଯୋଗ କ୍ଷେତ୍ରରେ ଅଭୂତପୂର୍ବ କାର୍ଯ୍ୟ କରୁଛନ୍ତି । ଏହା ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାକୁ ଅଭିପ୍ରେତ । ମୋଟ ୩ ହଜାର କୋଟି ଟଙ୍କା ଗ୍ୟାସ ପାଇପ ଲାଇନ ପ୍ରସ୍ତୁତ କରାଯାଇଛି ।
- ମାତ୍ର 5-6 ବର୍ଷମଧ୍ୟରେ ଦେଶରେ ପ୍ରାକୃତିକଗ୍ୟାସ୍ ପାଇପ ଲାଇନ ନେଟୱାର୍କ ପ୍ରାୟ ଦ୍ୱିଗୁଣିତହୋଇ 32000 କିମିରେ ପହଞ୍ଚିଛି । ଆହୁରି ମଧ୍ୟ ଗୁଜରାଟର ବିଶ୍ୱର ସର୍ବବୃହତ୍ ହାଇବ୍ରିଡ ଅକ୍ଷୟ ଶକ୍ତି ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଚାଲିଛି । ଏଥିରେ ଉଭୟ ସୌର ଓ ପବନ ଶକ୍ତି ପ୍ଲାଣ୍ଟଗୁଡିକୁ ମିଶାଇ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରାଯାଉଛି ।
- ଗତ ବେର୍ଷ ମଧ୍ୟରେ ଦେଶରେ ସିଏନ୍‌ଜିଷ୍ଟେସନ ସଂଖ୍ୟା 900ରୁ 1500ରେ ପହଞ୍ଚିଛି । ଏହି ସଂଖ୍ୟାକୁ 10 ହଜାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । 2014 ପର୍ଯ୍ୟନ୍ତ 25 ଲକ୍ଷ ପରିବାରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଇ ଦିଆଯାଇଥିଲା । ଏବେ ଏହିସଂଖ୍ୟା 72 ଲକ୍ଷରେ ପହଞ୍ଚିଛି ।
- ପାଇପ ଲାଇନ ବ୍ୟବସ୍ଥା ଦ୍ୱାରା କେରଳ ଓ କର୍ଣ୍ଣାଟକରେ 700 ସିଏନ୍‌ଜିଷ୍ଟେସନ ସ୍ଥାପିତ ହେବ ଓ 21 ଲକ୍ଷ ପରିବାର ଗ୍ୟାସ୍ ପାଇପାରିବେ ।

ରାଷ୍ଟ୍ର ଗ୍ୟାସ୍ ଗ୍ରୀଡ

- ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦେଶର ପ୍ରତ୍ୟେକ ପରିବାରକୁ ରନ୍ଧନ ଗ୍ୟାସ୍ ଯୋଗାଇବା। ଆହୁରି ମଧ୍ୟ ମୋଟର ଯାନ ପାଇଁ ଇନ୍ଧନ ଭାବେ ସିଏନ୍‌ଜି ଯୋଗାଣ ଏହାର ଅନ୍ୟତମ ଲକ୍ଷ୍ୟ । ଏହି ପାଇପ ଲାଇନ ଗ୍ୟାସ୍ ବଣ୍ଟନ ବ୍ୟବସ୍ଥାର ମୂଳଭିତ୍ତି ହେବ । ଏକ ରାଷ୍ଟ୍ର ଓ ଏକ ଗ୍ୟାସ୍ ଗ୍ରୀଡ ଦେଶକୁ ସ୍ୱଚ୍ଛ ଇନ୍ଧନ ଯୋଗାଇବାରେ ସହାୟକ ହୋଇପାରିବ। ଏହାଦ୍ୱାରା ପରିବେଶ ସୁରକ୍ଷିତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ଭଲ ରହିବ ଓ ସେମାନଙ୍କର ଚିକିତ୍ସା ଖର୍ଚ୍ଚ କମିବ । ଭାରତକୁ ମଧ୍ୟ ଉତ୍ତମ ପରିବେଶ ପାଇଁ ଅଧିକ ପର୍ଯ୍ୟଟକ ଆସିବେ ।
- ଏହି ପାଇପଲାଇନ ଗ୍ୟାସ ବିତରଣ ବ୍ୟବସ୍ଥାର ଆଧାର ପାଲଟିବ ଏବଂ ଏହା ସିଏନଜି ଆଧାରିତ ପରିବହନ ବ୍ୟବସ୍ଥାର ଭିତ୍ତିଭୂମିକୁ ମଧ୍ୟ ସୁଦୃଢ କରିବ। ଏକ ଗ୍ୟାସ ଗ୍ରୀଡ ବ୍ୟବସ୍ଥା ସ୍ୱଚ୍ଛ ଇନ୍ଧନ ଯୋଗାଇ ଦେବ ଯାହାକି ଜନସାଧାରଣଙ୍କର ସ୍ୱାସ୍ଥ୍ୟରେ ସୁଧାର ଆଣିବା ସହିତ ସେମାନଙ୍କର ଚିକିତ୍ସା ଖର୍ଚ୍ଚ କମାଇବ। ବାୟୁମଣ୍ଡଳ ସ୍ୱଚ୍ଛ ହେବା ହେବା ପରେ ସହରକୁ ଅଧିକ ପର୍ଯ୍ୟଟକ ଆସିବେ।
- ଏକ ରାଷ୍ଟ୍ର, ଏକ ଗ୍ୟାସ୍ ଗ୍ରୀଡ ମଧ୍ୟ ସାରକାରଖାନା ଗୁଡିକୁ ଇନ୍ଧନ ଯୋଗାଇବ। ଫଳରେ ସ୍ୱଳ୍ପ ମୂଲ୍ୟରେ ସାର ଉତ୍ପାଦିତ ହେବ ଏବଂ ଚାଷୀ ଉପକୃତ ହେବେ । ଏହାଛଡା ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ପାଇବେ ଏବଂ ଏହା ଦ୍ୱାରା ନିଯୁକ୍ତି ସୁବିଧା ସୃଷ୍ଟି ହେବ ।

ସ୍ୱପ୍ନ ସାକାର

ରାଷ୍ଟ୍ର ମୋବିଲିଟି କାର୍ଡ

- 2020 ଡିସେମ୍ବର 28ରେ ପ୍ରଧାନମନ୍ତ୍ରୀ ଦେଶର ପ୍ରଥମ ଡ୍ରାଇଭର ବିହୀନ ଟ୍ରେନ ଦିଲ୍ଲୀର ମାଜେଣ୍ଟା ଲାଇନରେ ଉଦ୍‌ଘାଟନ କରିଥିଲେ । ଏହି ସଫଳତା ପରେ ଭାରତ ଏ କ୍ଷେତ୍ରରେ ବିଶ୍ୱର ଅଳ୍ପ କେତେକ ଅଗ୍ରଣୀ ରାଷ୍ଟ୍ର ଗୋଷ୍ଠୀରେ ସାମିଲହୋଇଛି । ପ୍ରଧାନମନ୍ତ୍ରୀ ମଧ୍ୟ ଏକ ରାଷ୍ଟ୍ର, ଏକ ମୋବିଲିଟି କାର୍ଡ ସବୁପ୍ରକାର ପରିବହନ ବ୍ୟବସ୍ଥା ପାଇଁ ଆରମ୍ଭ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି 'ସହରୀକରଣକୁ ଏକ ଆହ୍ୱାନରୂପେ ଦେଖିବା ଅନୁଚିତ। ଏହାକୁ ସୁଯୋଗ ଭାବେ ଦେଖି ଉତ୍ତମ ଭିତ୍ତିଭୂମି ଦେଶରେ ନିର୍ମାଣ କରାଗଲେ ଲୋକଙ୍କ ଜୀବନ ସହଜ ଓ ସୁଗମହେବ ।'

ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ପ୍ରମୁଖ ବିନ୍ଦୁ

- ଭବିଷ୍ୟତର ଆବଶ୍ୟକତା ପାଇଁ ଦେଶକୁ ପ୍ରସ୍ତୁତ କରିବା ହେଉଛି ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ
- 2014ରେ ମାତ୍ର 5ଟି ସହରରେ ମେଟ୍ରୋ ରେଳ ସେବା ଥିଲା। ବର୍ତ୍ତମାନ 18ଟି ସହରରେ ମେଟ୍ରୋ ରେଳ ସେବା ଉପଲବ୍ଧ ହୋଇପାରିଛି। 2025 ସୁଦ୍ଧା ଦେଶର 25ଟି ସହରରେ ଏହି ସେବା ଆରମ୍ଭ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।
- 2014ରେ ମାତ୍ର 248 କିମି ମେଟ୍ରୋ ରେଳ ଲାଇନ କାର୍ଯ୍ୟକ୍ଷମ ଥିଲା ବର୍ତ୍ତମାନ ଏହା 700 କିମିକୁ ଟପିଯାଇଛି। 2025 ସୁଦ୍ଧା ଆମେ ଏହାକୁ 1700 କିମି ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ଲାଗି ଲକ୍ଷ୍ୟ ରଖିଛୁ।
- ଦିଲ୍ଲୀ ଓ ମିରଟ ମଧ୍ୟରେ ଦ୍ରୁତଗାମୀ ରେଳ ଚଳାଚଳ ପାଇଁ କାମ ଜାରି ରହିଛି

ଏକ ରାଷ୍ଟ୍ର, ଏକ ସେବା ଆଡକୁ ଯାତ୍ରା

- ଏକ ରାଷ୍ଟ୍ର, ଏକ ରାସନ କାର୍ଡ ବ୍ୟବସ୍ଥାବଳରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ବସବାସ କରୁଥିବା ଲୋକଙ୍କୁ ସେଠାରେ ରେସନକାର୍ଡ ସୁବିଧା ମିଳୁଛି । ରାସନ କାର୍ଡ ପୋର୍ଟେବିଲିଟି ବ୍ୟବସ୍ଥାରେଏହି ସୁବିଧା ଉପଲବ୍ଧ ହେଉଛି । ନୂଆ କୃଷିସଂସ୍କାର ଏବଂ ଇନାମ ଭଳି ସୁବିଧା ଦ୍ୱାରା ଭାରତ ଏବେ ଏକ ରାଷ୍ଟ୍ର, ଏକ କୃଷିବଜାର ଆଡେ ମୁହାଁଇଛି ।

- ଏକ ରାଷ୍ଟ୍ର, ଏକ ଗ୍ୟାସ୍ ବ୍ୟବସ୍ଥା ଫଳରେ ଦେଶରସବୁ ଅଞ୍ଚଳକୁ ଗ୍ୟାସ୍ ଯୋଗାଣ ନିଶ୍ଚିତ ହୋଇଛି । ଆୟୁଷ୍ମାନ ଭାରତ ଯୋଜନାରେ ଲକ୍ଷ ଲକ୍ଷ ଲୋକ ଏକ ରାଷ୍ଟ୍ର, ଏକ ସ୍ୱାସ୍ଥ୍ୟବୀମା ଯୋଜନାର ଲାଭଉଠାଇ ଦେଶର ଯେକୌଣସି ଜାଗାରେ ଚିକିତ୍ସାସୁବିଧା ପାଉଛନ୍ତି ।



- ଏକ ରାଷ୍ଟ୍ର, ଏକ ଫାସ୍‌ଟ୍ୟାଗ ଯୋଜନାରେ ଯାତ୍ରା ବାଧାରହିତ ହୋଇଛି ଏବଂ ଦେଶର ଯେକୌଣସି ଅଞ୍ଚଳର ରାଜପଥରେ ଆଉ ଅଟକିବାର ଆବଶ୍ୟକତା ନାହିଁ । ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଗୋଟିଏ ଦେଶ, ଗୋଟିଏ ଟିକସ ବ୍ୟବସ୍ଥା ସମ୍ଭବ ହୋଇଛି ଏବଂ ପୂର୍ବର ଟିକସ ବ୍ୟବସ୍ଥାର ବିଭିନ୍ନତା ଓ ଜଟିଳତା ଦୂର ହୋଇଛି। ସେହିଭଳି ଏକ ରାଷ୍ଟ୍ର, ଏକ ପାୱାର ଗ୍ରୀଡଯୋଜନା ଦେଶର ସବୁ ଅଞ୍ଚଳକୁ ନିରନ୍ତର ବିଜୁଳି ଯୋଗାଣ ସମ୍ଭବ କରିଛି ।

- ଏକ ରାଷ୍ଟ୍ର, ଏକ ପରୀକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ ଫଳରେବିଭିନ୍ନ ପ୍ରକାର ସରକାରୀ ଚାକିରି ପାଇଁ ପରୀକ୍ଷାର୍ଥୀଙ୍କ ନିମନ୍ତେ ବିଭିନ୍ନ ପ୍ରକାର ପରୀକ୍ଷା ଦେବା ଜଞ୍ଜାଳର ଅବସାନ ଘଟିଛି ।

ଜମ୍ମୁ କଶ୍ମୀରର 21 ଲକ୍ଷ ପରିବାରକୁ 5ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା

- ଜମ୍ମୁ କଶ୍ମୀରରେ ଆୟୁଷ୍ମାନ ଭାରତ, ପିଏମ୍ ଜୟ ସେହତ୍ ଯୋଜନା ଆରମ୍ଭ କରାଯାଇଛି । ଏଥିରେ 21ଲକ୍ଷ ପରିବାରଙ୍କୁ ବାର୍ଷିକ 5ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ କରାଯାଇଛି । ଏହା ଆୟୁଷ୍ମାନ ଭାରତ, ପିଏମ୍ ଜୟ ଯୋଜନା ଢାଞ୍ଚାରେ କାର୍ଯ୍ୟକାରୀ ହେଉଛି ।
- ପୂର୍ବରୁ ମାତ୍ର ଲକ୍ଷେ ପରିବାରଙ୍କୁ ଏହି ସୁବିଧା ମିଳୁଥିଲା । ଏବେ ଅତିରିକ୍ତ 15 ଲକ୍ଷ ଲୋକ ଏହି ସୁବିଧା ପାଇବେ ।
- ଜମ୍ମୁ କଶ୍ମୀରବାସୀ ଏହି ଯୋଜନାରେ ବାର୍ଷିକ 50ଲକ୍ଷ ଟଙ୍କାର ଚିକିତ୍ସା ବୀମା ଯୋଜନା ପାଇବା ଫଳରେ ସେମାନଙ୍କ ଜୀବନ ସୁଗମ ହେବ ।

ଗଣତନ୍ତ୍ରକୁ ସୁଦୃଢ କରିଥିବାରୁ ମୁଁ ଜମ୍ମୁ କଶ୍ମୀରବାସୀଙ୍କୁ ଅଭିନନ୍ଦନ ଜଣାଉଛି । ଅଟଳ ଜୀ ଆମକୁ ନିରନ୍ତର ଭାବେ ମାନବିକତା ନୀତିରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କରୁଥିଲେ; ଯାହା ଇନ୍‌ସାନିୟତ ନାମରେ ପରିଚିତ। ସେ ମଧ୍ୟ ଜହ୍ମୁରିଆତ୍ (ଗଣତନ୍ତ୍ର) ଓ କାଶ୍ମୀରିଆତ୍ (କାଶ୍ମୀର ଲୋକଙ୍କ ପରିଚୟ)କୁ ଗୁରୁତ୍ୱ ଦେଉଥିଲେ । ଜମ୍ମୁ କଶ୍ମୀରବାସୀଙ୍କ ବିକାଶରେ ସରକାର ସର୍ବାଧିକଗୁରୁତ୍ୱ ଦେଉଛନ୍ତି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନ୍ୟାସନାଲ ମୋବିଲିଟି କାର୍ଡ

- ନ୍ୟାସନାଲ କମନ୍ ମୋବିଲିଟି କାର୍ଡବା ସାଧାରଣ ଭ୍ରମଣକାର୍ଡ ଯାତ୍ରୀଙ୍କୁ ସମନ୍ୱିତ ଯାତ୍ରା ସୁବିଧା ଯୋଗାଇବ । ଏହି କାର୍ଡଧାରୀ ଯେକୌଣସି ପରିବହନ ବ୍ୟବସ୍ଥାରେ ନିଜଇଚ୍ଛା ଅନୁସାରେ ଯାତ୍ରା କରିପାରିବେ ।
- ଆର୍ଥିକ ସେବା ବିଭାଗ ନୂଆ ରୁପେ ଡେବିଟ କାର୍ଡକୁ ଏନ୍‌ସିଏମସି କରିବା ପାଇଁ ସବୁବ୍ୟାଙ୍କ ନିର୍ଦ୍ଦେଶ ଦେଇଛି ।
- ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ ଦେଶରେ ଦେଶୀ ଜ୍ଞାନକୌଶଳରେ ଏଏଫ୍‌ସିଗେଟ୍‌ମାନ ନିର୍ମାଣ କରିବାକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସହକାର୍ଯ୍ୟ କରୁଛି ।
- ଏୟାରପୋର୍ଟ ଏକ୍ସପ୍ରେସଲାଇନ ଦେଶର ପ୍ରଥମମେଟ୍ରୋଷ୍ଟେସନଭାବେଏନ୍‌ସିଏମ୍‌ସି ବ୍ୟବହାରକୁ କାର୍ଯ୍ୟକାରୀକରିଛି ।
- 1.1କୋଟିରୁ ଅଧିକ ଡେବିଟ କାର୍ଡଧାରୀ ଏହି କାର୍ଡ ଏୟାରପୋର୍ଟ ଏକ୍ସପ୍ରେସଲାଇନରେ ବ୍ୟବହାର କରିବା ସୁବିଧା ପାଇପାରିବେ ।
- ଷ୍ଟେଟବ୍ୟାଙ୍କ, ଆହ୍ମଦାବାଦ ବ୍ୟାଙ୍କ, କାନାରାବ୍ୟାଙ୍କ, ୟୁବିଆଇ, ୟୁକୋ, ଆଇଡିବିଆଇ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପିଏନ୍‌ବି ଆଦି 23ଟି ବ୍ୟାଙ୍କର ରୁପେକାର୍ଡ ଯାହା ଗତ 18 ମାସ ମଧ୍ୟରେ ପ୍ରଦାନ କରାଯାଇଛି ତାହା ଏନ୍‌ସିଏମ୍‌ସି ଭାବେ ବ୍ୟବହୃତ ହୋଇପାରିବ ।
- ଏନ୍‌ସିଏମ୍‌ସି ସୁବିଧା 2022 ସୁଦ୍ଧାସମଗ୍ର ଦିଲ୍ଲୀ ମେଟ୍ରୋ ନେଟୱାର୍କରେ ଉପଲବ୍ଧ ହେବ ।■

ଆକାଂକ୍ଷା ଓ ଉତ୍ସାହରେ ପରିପୂର୍ଣ୍ଣ ହେବ ନୂତନ ଭାରତ

ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ଅନୁସରଣ କରି, ଭାରତ ସରକାର ଦେଶର ଯୁବଶକ୍ତିଙ୍କ ସହାୟତାରେ ଏକ ନୂତନ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି।



ଯୁବ ପିଢ଼ି, ଆଧୁନିକ ପିଢ଼ି ଉପରେ ମୋର ବିଶ୍ୱାସ ରହିଛି, ସେମାନଙ୍କ ମଧ୍ୟରୁ ମୋର କର୍ମୀମାନେ ଆସିବେ!" ସ୍ୱାମୀ ବିବେକାନନ୍ଦଙ୍କର ଏହି ବିଚାରକୁ ଅନୁସରଣ କରି ସରକାର ଏକ ନୂତନ ଭାରତ ଗଠନ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି ଯେଉଁଠି ଯୁବକମାନେ ସେମାନଙ୍କର ପ୍ରତିଭା ଓ ସ୍ୱପ୍ନ ଅନୁରୂପ ମୁକ୍ତ ଭାବେ ସଫଳତା ହାସଲ କରିବାର ସୁଯୋଗ ପାଇପାରିବେ। ଏଥିପାଇଁ ଏକ ଅନୁକୂଳ ପରିବେଶ ଏବଂ ଢାଞ୍ଚା ପ୍ରସ୍ତୁତ କରାଯାଉଛି। ଶିକ୍ଷା ବ୍ୟବସ୍ଥା ହେଉ ଅବା ସାମାଜିକ ବ୍ୟବସ୍ଥା କିମ୍ବା ପୁଣି ଆଇନଗତ ଆବଶ୍ୟକତା, ସରକାର ସବୁଥିରେ ଏସବୁ ପ୍ରସଙ୍ଗକୁ ଏକ କେନ୍ଦ୍ରବିନ୍ଦୁ ଭାବେ ଗ୍ରହଣ କରି ପଦକ୍ଷେପ ନେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିଶ୍ୱାସ କରିଥାନ୍ତି ଯେ, "ନୂତନ ଭାରତର ଯୁବ ପିଢ଼ି ବେଶ ଆଗ୍ରହୀ, ଉତ୍ସାହୀ ଏବଂ ସାମର୍ଥ୍ୟବାନ। ମୁଁ ବିଶ୍ୱାସ କରିଥାଏ ଯେ ଆମ ଯୁବକମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବଳରେ, ନୂତନ ଭାରତର ସ୍ୱପ୍ନ ବାସ୍ତବ ରୂପ ନେଇପାରିବ"।

ପ୍ରତିବର୍ଷ, ଜାନୁଆରୀ 12 ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କର ଜୟନ୍ତୀ ପାଳନ କରାଯାଇଥାଏ। ସେହିପରି ଜାତୀୟ ଯୁବ ମହୋତ୍ସବ ମଧ୍ୟ ପ୍ରତିବର୍ଷ ଜାନୁଆରୀ 12ରୁ 16 ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୁଏ। ଯୁବ ମହୋତ୍ସବର ବିଚାର ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମାନସସନ୍ତାନ। ଜାତୀୟ ଯୁବ ମହୋତ୍ସବର ଲକ୍ଷ୍ୟ ହେଉଛି ଦେଶର ଯୁବକମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ ଲାଗି ଏକତ୍ରିତ କରିବା। ଏହି ମହୋତ୍ସବ ଏକ ମିନି-ଇଣ୍ଡିଆ ସୃଷ୍ଟି କରି ସେମାନଙ୍କୁ ଏକ ମଞ୍ଚ ଯୋଗାଇ ଥାଏ ଯେଉଁଠି ସେମାନେ ସଂଗଠିତ ଏବଂ ଅସଂଗଠିତ ଭାବେ ମତବିନିମୟ କରିବା ସହିତ ସେମାନଙ୍କର ସାମାଜିକ ଓ ସାଂସ୍କୃତିକ ବିଶେଷତ୍ୱର ଆଦାନପ୍ରଦାନ କରିପାରିବେ। ଚଳିତବର୍ଷ ମହୋତ୍ସବର ବିଷୟବସ୍ତୁ ଥିଲା "ଯୁବ ପିଢ଼ି -ନୂଆ ଭାରତର ଉତ୍ସାହ"। ଅର୍ଥାତ ଯୁବକ ପିଢ଼ି ନୂତନ ଭାରତର ଉତ୍ସବକୁ ଜୀବନ୍ତ କରିଥାନ୍ତି। ଜାତୀୟ ଅଖଣ୍ଡତା, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଭାଇଚାରା, ସାହସ ଓ ରୋମାଞ୍ଚକୁ ପ୍ରୋତ୍ସାହନ ଦେବା ମଧ୍ୟ ଏହାର ଲକ୍ଷ୍ୟ। ତେବେ ଏହାର ମୂଳ ଲକ୍ଷ୍ୟ ହେଉଛି "ଏକ ଭାରତ ଶ୍ରେଷ୍ଠ ଭାରତ" ଭାବନା, ମୂଲ୍ୟ ଏବଂ ବିଚାରଧାରାର ପ୍ରଚାରପ୍ରସାର କରିବା।

ଏକ ଆତ୍ମନିର୍ଭରଶୀଳ ଭାରତ ପାଇଁ ଯୁବପିଢ଼ିର ଆଶାଆକାଂକ୍ଷା ପୂରଣ

16 ନିୟୁତ ଉପଭୋକ୍ତା 3605ଟି ପାଠ୍ୟକ୍ରମ ଶେଷ କରିଛନ୍ତି ସ୍ୱୟମ ପ୍ଲାଟଫର୍ମରେ

2101ଟି ପାଠ୍ୟକ୍ରମ ଆୟୋଜନ କରାଯାଇଛି 800 ପ୍ରାଧାପକଙ୍କ ଦ୍ୱାରା ଗ୍ୟାନ ଯୋଜନାରେ

70ଟି ଭାଷାରେ 3 ନିୟୁତ ଲେଖକଙ୍କ ଦ୍ୱାରା ପ୍ରସ୍ତୁତ 10 ନିୟୁତ ପାଠ୍ୟ ସାମଗ୍ରୀ ଉପଲବ୍ଧ ଡିଜିଟାଲ ଲାଇବ୍ରେରୀରେ

- ଇମ୍ପିଣ୍ଟ ଇଣ୍ଡିଆ-1 ଓ 2 ଅନ୍ତର୍ଗତ 2612ଟି ପ୍ରସ୍ତାବ ହସ୍ତଗତ ହୋଇଛି ଏବଂ 142ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି।
- ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତିବର୍ଷ ଏକ କୋଟିରୁ ଅଧିକ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ
- ସାରା ଦେଶରେ 580ଟି ପେସା ପାଇଁ 22,500ରୁ ଅଧିକ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଏବଂ ପ୍ରତ୍ୟେକ ଜିଲ୍ଲାରେ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ସ୍ଥାପନ କରାଯାଉଛି।
- ପାଖାପାଖି 5000 ଆଇଟିଆଇ ପ୍ରତିଷ୍ଠା କରାଯାଇଛି ଏବଂ 2015 ତୁଳନାରେ ଏଗୁଡ଼ିକର କ୍ଷମତା 85.5% ପର୍ଯ୍ୟନ୍ତ 34.63 ଲକ୍ଷକୁ ବୃଦ୍ଧି ପାଇଛି।
- ଷ୍ଟାଇଭ ଅନ୍ତର୍ଗତ ନୂତନ ପଦକ୍ଷେପ ଏବଂ ଉଲ୍ଲେଖନୀୟ ଉପଲବ୍ଧି : 244ଟି ଆଇଟିଆଇ ପ୍ରଦର୍ଶନ ଆଧାରିତ ଅନୁଦାନ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି ।
- ନୂତନ ଶିକ୍ଷା ନୀତି ମାଧ୍ୟମରେ ଏକବିଂଶ ଶତାବ୍ଦୀର କୌଶଳ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେବା ଏବଂ 2030 ସୁଦ୍ଧା ବିଦ୍ୟାଳୟ ଶିକ୍ଷାରେ ଶତପ୍ରତିଶତ ଗ୍ରସ ଏନରୋଲମେଣ୍ଟ ରେସିଓ (ଜିଇଆର) ବା ଛାତ୍ରଛାତ୍ରୀଙ୍କର ଶତପ୍ରତିଶତ ନାମଲେଖା ସୁନିଶ୍ଚିତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି ।
- ଆଦିବାସୀ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମିକୁ ପ୍ରୋତ୍ସାହନ ଲାଗି 566ଟି ନୂଆ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟକୁ ମଞ୍ଜୁରି ମିଳିଛି ।
- ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ 54,000 ରେମ୍ପ (ଗଡ଼ାଣିଆ ରାସ୍ତା) ଓ 50,000 ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କରାଯାଇଛି।
- ବିଭିନ୍ନ ବିଶ୍ୱବିଦ୍ୟାଳୟ, 7ଟି ଆଇଆଇଟି, 7ଟି ଆଇଆଇଏମ, 14ଟି ଆଇଆଇଆଇଟି, ଗୋଟିଏ ଏନଆଇଟି, 103ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ 62ଟି ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇସାରିଛି ।
- ପ୍ରଧାନମନ୍ତ୍ରୀ ଗବେଷଣା ଫେଲୋସିପ ଯୋଜନା ଅଧୀନରେ, ପିଏଚଡି ଓ ଗବେଷଣା ପାଇଁ 5 ବର୍ଷ ପର୍ଯ୍ୟନ୍ତ ମାସିକ 70-80 ହଜାର ଟଙ୍କାର ବୃତ୍ତି ଏବଂ 2 ଲକ୍ଷ ଟଙ୍କାର ବାର୍ଷିକ ଗବେଷଣା ଅନୁଦାନ ମଞ୍ଜୁର କରାଯାଇଛି ।
- ଅନ୍ତର୍ଜାତୀୟ ମାନକ ଅନୁଯାୟୀ ସମସ୍ତ ପେସାଦାରମାନଙ୍କ ପାଇଁ ପରୀକ୍ଷା ଆୟୋଜନ କରିବ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ।
- ଉତ୍କୃଷ୍ଟ ମାନର ଶିକ୍ଷକଙ୍କ ସୃଷ୍ଟି କରିବା ଲାଗି ପ୍ରଶିକ୍ଷଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି ଏବଂ 20ଟି ଶିକ୍ଷାନୁଷ୍ଠାନକୁ 'ଇନଷ୍ଟିଚ୍ୟୁଟ ଅଫ ଏମିନେନ୍ସ' ମାନ୍ୟତା ଦିଆଯାଇଛି ।
- ଆସନ୍ତା 5 ବର୍ଷ ପାଇଁ 4 କୋଟିରୁ ଅଧିକ ଅନୁସୂଚୀତ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ 59,000 କୋଟି ଟଙ୍କାର ମାଟ୍ରିକ ପରବର୍ତ୍ତୀ ବୃତ୍ତିକୁ ସରକାର ମଞ୍ଜୁରି ଦେଇଛନ୍ତି ।
- ମାଟ୍ରିକ ପୂର୍ବ ଛାତ୍ର ବୃତ୍ତି ପାଇଁ ଓବିସି ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କର ବାର୍ଷିକ ଆୟ ସୀମାକୁ 44,500ଟଙ୍କାରୁ 2.5 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅନୁସୂଚୀତ ଜାତିର ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ କ୍ଷେତ୍ରରେ ଏହି ସୀମାକୁ 2 ଲକ୍ଷ ଟଙ୍କାରୁ 2.5 ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି।
- ପ୍ରଥମ ଥର ପାଇଁ ମଣିପୁରରେ ଜାତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ଏବଂ ଏହା କ୍ରୀଡ଼ା ଶିକ୍ଷା ଓ ପ୍ରଶିକ୍ଷଣକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ହେବ ପ୍ରଥମ ଶିକ୍ଷାନୁଷ୍ଠାନ ।
- ଗୁଜରାଟର ଗାନ୍ଧୀନଗର ଠାରେ ପାରା ଆଥଲେଟମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ଥିବା ପ୍ରଥମ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି ।
- 2018ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଭାବୀ ଓ ଐତିହାସିକ ପ୍ରଦର୍ଶନ ସହିତ ଭାରତ 66ଟି ପଦକ ଜିଣିଥିଲା ।
- ପ୍ରତିଭାବାନ ଖେଳାଳୀମାନଙ୍କୁ 8 ବର୍ଷ ପାଇଁ ବାର୍ଷିକ 5 ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯିବ ।
- ଜାନୁଆରୀ 2018ରେ ପ୍ରଥମ ଖେଲୋ ଇଣ୍ଡିଆ ବିଦ୍ୟାଳୟ କ୍ରୀଡ଼ାର ଶୁଭାରମ୍ଭ କରାଯାଇଥିଲା ଯେଉଁଥିରେ 29ଟି ରାଜ୍ୟ ଓ 7ଟି କେନ୍ଦ୍ରଶାସିତ ପ୍ରଦେଶର 3507 କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ ।
- 1,756 କୋଟି ଟଙ୍କାର ବ୍ୟୟବରାଦ ସହିତ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମର ନବୀକରଣ କରାଯାଇଛି ।

ସ୍କିଲ ମ୍ୟାପିଂ

ବିଶ୍ୱ କୌଶଳ ରାଜଧାନୀ ହେବାର ଲକ୍ଷ୍ୟ ନେଇ ସରକାର 15ଟି ଦେଶରେ ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ଆବଶ୍ୟକ କୌଶଳର ଚିହ୍ନଟ କରୁଛନ୍ତି।

41,838

ନିଯୁକ୍ତି ସୁଯୋଗର ପ୍ରୋତ୍ସାହନ

ଷ୍ଟାର୍ଟଅପକୁ ଦେଶରେ ମାନ୍ୟତା ଦିଆଯାଇଛି ଏବଂ ଏଗୁଡ଼ିକୁ 7 ବର୍ଷର ଧାର୍ଯ୍ୟ ସମୟସୀମା ମଧ୍ୟରେ ଲଗାତାର ତିନି ବର୍ଷ ପାଇଁ ଟିକସ ରିହାତି ପ୍ରଦାନ କରାଯାଇଛି।

କର୍ମଚାରୀ ଭାବେ କାମ କରୁଥିବା ପ୍ରମୋଟରମାନଙ୍କୁ ଇଏସଓପି ଜାରି କରିବା ନିମନ୍ତେ ଷ୍ଟାର୍ଟଅପଗୁଡ଼ିକୁ ଅନୁମତି ମିଳିଛି ।

ଶିକ୍ଷା ବ୍ୟବସ୍ଥାରେ ସଶକ୍ତିକରଣ

ଶ୍ରେଷ୍ଠ 60ଟି ବିଶ୍ୱବିଦ୍ୟାଳୟକୁ ଗ୍ରେଡେଡ ଅଟୋନମି ପ୍ରଦାନ କଲା ୟୁଜିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ
ପ୍ରେରଣାଦାୟୀ କବିତା
ଦେଶର ଯୁବ ପିଢ଼ିଙ୍କ
ପ୍ରତି ସମର୍ପିତ

ଜାତୀୟ ଯୁବ ଦିବସ 2021 ଅବସରରେ

ଏ ଆକାଶର ସୀମା କମ୍

ପ୍ରଧାନମନ୍ତ୍ରୀଙ୍କ କବିତା ଆବୃତ୍ତି ଶୁଣିବା
ଲାଗି ଏହି କ୍ୟୁଆର କୋଡ ସ୍କାନ କରନ୍ତୁ

उसे गुमां है
उसे गुमां है
कि मेरी उड़ान कुछ कम है
उसे गुमां है कि मेरी उड़ान कुछ कम है
मुझे यकीं है कि ये आसमां कुछ कम है
युवा सपनों-आकांक्षाओं को रोकना नहीं चाहिए
उन्हें उन्मुक्त गगन में उड़ने देना चाहिए
क्योंकि युवा नए आइडियाज से
फ्रेशनेस से भरा होता है
ऊर्जा होती है
तेजस्विता होती है
शार्पनेस होती है
उस पर अतीत का बोझ नहीं होता
ऐसे में चुनौतियों और समस्याओं से निपटने में
वह अधिक सक्षम होता है।

ଗବେଷଣା ଓ ନବୋନ୍ମେଷ ଭାରତକୁ ସଫଳତା ଦିଗରେ ଆଗେଇ ନେଉଛି

ବିଶ୍ୱ ଏକବିଂଶ ଶତାବ୍ଦୀର ଏକ ନୂତନ ଦଶକରେ ପ୍ରବେଶ କରୁଛି, ଏପରି ଏକ କ୍ଷଣରେ ଭାରତ ଗବେଷଣା ଓ ନବୋନ୍ମେଷ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ହାସଲ କରିଛି। ବର୍ତ୍ତମାନ, ଭାରତ ଗୋଟିଏ ସେକେଣ୍ଡର ଏକ ବିଲିୟନତମ ଅଂଶକୁ ହିସାବ କରିବାରେ ଆତ୍ମନିର୍ଭରଶୀଳ ହୋଇପାରିଛି।

ଗତ ଛଅ ବର୍ଷ ମଧ୍ୟରେ, ଭାରତ ଗବେଷଣା ଓ ଉଦ୍ଭାବନ ଲାଗି ଏକ ଭବିଷ୍ୟତ ପିଢ଼ିର ଇକୋସିଷ୍ଟମ ବିକଶିତ କରିବା ଦିଗରେ କାର୍ଯ୍ୟ କରିବା କ୍ଷେତ୍ରରେ ନିଜର ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି। ଆଜି, ଭାରତ ଗ୍ଲୋବାଲ ଇନୋଭେସନ ରେଙ୍କିଙ୍ଗ (ବିଶ୍ୱ ନବୋନ୍ମେଷ ମାନ୍ୟତା)ରେ ବିଶ୍ୱର ଶୀର୍ଷ 50ଟି ଦେଶ ମଧ୍ୟରେ ସାମିଲ ହୋଇପାରିଛି। ଦେଶରେ ମୌଳିକ ଗବେଷଣାକୁ ପ୍ରୋତ୍ସାହିତ କରାଯାଉଛି ଏବଂ ଭାରତ ସମୀକ୍ଷାଭିତ୍ତିକ ବିଜ୍ଞାନ ଓ ଇଞ୍ଜିନିୟରିଂ ପତ୍ରିକା ପ୍ରକାଶନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ତିନୋଟି ରାଷ୍ଟ୍ର ମଧ୍ୟରେ ସାମିଲ ହୋଇପାରିଛି। ଭାରତରେ ଉଦ୍ୟୋଗ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗୀତାକୁ ସୁଦୃଢ଼ କରାଯାଉଛି। ବିଶ୍ୱର ପ୍ରମୁଖ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କର ଗବେଷଣା କେନ୍ଦ୍ର ଓ ସୁବିଧା ସ୍ଥାପନ କରୁଛନ୍ତି।

ଜାନୁଆରୀ 4 ତାରିଖରେ ଜାତୀୟ ମାପବିଦ୍ୟା ସମ୍ମିଳନୀରେ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜ୍ଞାନ, ପ୍ରଯୁକ୍ତି ଓ ନବୋନ୍ମେଷ କ୍ଷେତ୍ରରେ ଭାରତକୁ ଆଗେଇ ନେବା ପାଇଁ ପ୍ରସ୍ତୁତ ହୋଇଥିବା ରୋଡମ୍ୟାପ ବିଷୟରେ ସୂଚନା ଦେଇଥିଲେ। ସେ କହିଥିଲେ : "ଯଦି ଆପଣ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଯାତ୍ରାକୁ ଅବଲୋକନ କରିବେ ତା'ହେଲେ ଆପଣ ଜାଣିପାରିବେ ଯେ ଯେଉଁ ଦେଶ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଯେତେ ଅଧିକ ଅଗ୍ରଗତି ହାସଲ କରିଛି ସେ ଦେଶ ସେତିକି ଦ୍ରୁତ ଗତିରେ ବିକଶିତ ହୋଇପାରିଛି। ବିଜ୍ଞାନ ଏକ ଉଦ୍ଭାବନକୁ ଜନ୍ମ ଦେଇଥାଏ ଯାହାକି ପରବର୍ତ୍ତୀ ସମୟରେ ଏକ ପ୍ରଯୁକ୍ତି ଭାବେ ବିକଶିତ ହୋଇଥାଏ। ପ୍ରଯୁକ୍ତି ଏକ ଉଦ୍ୟୋଗ ସୃଷ୍ଟି କରିଥାଏ। ଏହାପରେ ଉଦ୍ୟୋଗ ନୂତନ ଗବେଷଣା ଲାଗି ବିଜ୍ଞାନ କ୍ଷେତ୍ରରେ ନିବେଶ କରିଥାଏ ଏବଂ ଏହି ଚକ୍ର ନୂତନ ସମ୍ଭାବନା ସୃଷ୍ଟି କରିଥାଏ।"

ନ୍ୟାସନାଲ ଫିଜିକାଲ ଲାବୋରେଟୋରୀର ପ୍ଲାଟିନମ ଜୁବଲି ସମାରୋହ ଅବସରରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ନ୍ୟାସନାଲ ଆଟମିକ ଟାଇମସ୍କେଲ ଉନ୍ମୋଚନ କରାଯାଇଥିଲା। ■

ନ୍ୟାସନାଲ ଆଟମିକ ଟାଇମସ୍କେଲର ଲାଭ

- ନ୍ୟାସନାଲ ଆଟମିକ ଟାଇମସ୍କେଲ ଜରିଆରେ ଭାରତ 1 ନାନୋ ସେକେଣ୍ଡ ବା ଗୋଟିଏ ସେକେଣ୍ଡର 100 କୋଟିତମ ଭାଗକୁ ହିସାବ କରିପାରିବ।
- ଭାରତୀୟ ମାନକ ସମୟ ବର୍ତ୍ତମାନ 3 ନାନୋ ସେକେଣ୍ଡ ଠାରୁ କମ ସ୍ତରର ସଠିକତା ସହିତ ଅନ୍ତର୍ଜାତୀୟ ମାନକ ସମୟ ସହିତ ମେଳ ଖାଇପାରିବ। ଏଥିଯୋଗୁ, ଇସ୍ରୋ ସମେତ ନୂଆ ପିଢ଼ିର ପ୍ରଯୁକ୍ତି (କଟିଂ ଏଜ ଟେକ୍ନୋଲୋଜି) କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ପ୍ରତିଷ୍ଠାନ ବିଶେଷ ଭାବେ ଲାଭବାନ ହୋଇପାରିବେ।
- ବ୍ୟାଙ୍କିଂ, ରେଳବାଇ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ଟେଲିକମ ଭଳି ବିଭିନ୍ନ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତି ଏଥିରୁ ଲାଭବାନ ହୋଇପାରିବ।

ଜାତୀୟ ପରିବେଶ ମାନକ ପ୍ରୟୋଗଶାଳା

- ଭାରତୀୟ ନିର୍ଦ୍ଦେଶକ ଦ୍ରବ୍ୟ ଏକ 'ସାର୍ଟିଫାଏଡ ରେଫରେନ୍ସ ମ୍ୟାଟେରିଆଲ ସିଷ୍ଟମ' ପ୍ରଚଳନ କରିବା ଜରିଆରେ ଭାରୀ ଧାତୁ, କୀଟନାଶକ, ଔଷଧ ଏବଂ ବୟନଶିଳ୍ପ କ୍ଷେତ୍ରରେ ଗୁଣବତ୍ତାପୂର୍ଣ୍ଣ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ସହାୟକ ହୋଇପାରିବ।
- ଏହି ନୂତନ ମାନକ ସହିତ, ସ୍ଥାନୀୟ ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରୀୟ ପରିଚୟ ଦେବା ଲାଗି ଏକ ଅଭିଯାନ ଆରମ୍ଭ କରାଯାଇଛି।
- ଅନ୍ତର୍ଜାତୀୟ ମାନକ ସହିତ ସମତୁଲ୍ୟ ହେବା କାରଣରୁ ଭାରତକୁ ଆସୁଥିବା ବିଦେଶୀ ଉତ୍ପାଦନଭିତ୍ତିକ କମ୍ପାନୀଗୁଡ଼ିକୁ ଏକ ସ୍ଥାନୀୟ ଯୋଗାଣ ଶୃଙ୍ଖଳ ମିଳିବାରେ ସହାୟତା ମିଳିପାରିବ।

(ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଅଭିଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ)

‘ବନ୍ଦେ ଭାରତ ଏକ୍ସପ୍ରେସ’: ଦ୍ରୁତ ଗତି ହାସଲ କଲା ଅଭିବୃଦ୍ଧି

ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ ଚଳାଚଳ ଫେବୃଆରୀ 15, 2021ରେ ଆରମ୍ଭ ହୋଇଥିଲା ଯାହାକି ଏବେ ଦୁଇ ବର୍ଷ ପୂରଣ କରିଛି। କିଛି ପ୍ରାରମ୍ଭିକ ବାଧା ସତ୍ତ୍ୱେ ଏହା ଏବେ ଭଲ ଭାବେ ଚଳାଚଳ ଆରମ୍ଭ କରିଛି। ଗତି, ବ୍ୟାପକତା ଓ ସେବା ଏହି ଟ୍ରେନର ପରିଚୟ। ସରକାର 2022 ସୁଦ୍ଧା 44ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବା ଦିଗରେ କାର୍ଯ୍ୟ କରୁଛନ୍ତି ଯାହାକି ରେଳବାଇର ଅଭିବୃଦ୍ଧି ଓ ବିକାଶକୁ ଏକ ନୂତନ ଉଚ୍ଚତାକୁ ନେଇଯିବ।

> **“ଆମେ ଦ୍ରୁତ ଗତିରେ ଭାରତୀୟ ରେଳବାଇର ଆଧୁନିକୀକରଣ ଦିଗରେ ଅଗ୍ରସର ହେଉଛୁ। ଆମେ ଏହି ବିକାଶ ଯାତ୍ରାକୁ ଆହୁରି ଆଗକୁ ନେବୁ ବୋଲି ମୁଁ ଆପଣମାନଙ୍କୁ ଆଶ୍ୱାସନା ଦେଉଛି। ଭୂମି, ଜଳ କିମ୍ବା ଆକାଶ ହେଉ, ଭାରତର ପୂର୍ବ, ପଶ୍ଚିମ, ଉତ୍ତର କିମ୍ବା ଦକ୍ଷିଣ ପ୍ରାନ୍ତ ହେଉ; ଆମେ ‘ସବକା ସାଥ ସବକା ବିକାଶ’ ମନ୍ତ୍ର ସହିତ ବିକାଶ ମାର୍ଗରେ ଆଗେଇ ଚାଲିବୁ ଏବଂ ଏହାକୁ ଆହୁରି ଆଗକୁ ନେବୁ।”**
>
> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ଭାରତୀୟ ରେଳବାଇ ଗତ 6 ବର୍ଷ ମଧ୍ୟରେ ବିକାଶର ନୂଆ ମାଇଲଖୁଣ୍ଟ ହାସଲ କରିଛି। ଷ୍ଟେସନରୁ କମ୍ପାର୍ଟମେଣ୍ଟ ପର୍ଯ୍ୟନ୍ତ ସ୍ୱଚ୍ଛତା, ବାୟୋ-ଡିଗ୍ରେଡେବୁଲ ଶୌଚାଳୟ, ଖାଦ୍ୟପାନୀୟରେ ସୁଧାର, ଆଧୁନିକ ଟିକେଟ ବୁକିଂ ବ୍ୟବସ୍ଥା, ତେଜସ ଏକ୍ସପ୍ରେସ, ବନ୍ଦେ ଭାରତ ଏକ୍ସପ୍ରେସ, ଭିସ୍ଟା-ଡୋମ କୋଚ ଚଳାଚଳ ଆଦି ମାଧ୍ୟମରେ ଭାରତୀୟ ରେଳବାଇ ଆଧୁନିକ ହେବା ସହିତ ଭାରତକୁ ଦ୍ରୁତ ଗତିରେ ବିକାଶ ମାର୍ଗରେ ଆଗେଇ ନେଉଛି।

ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ 18 ନାମରେ ମଧ୍ୟ ପରିଚିତ। ଏହା ପ୍ରଧାନମନ୍ତ୍ରୀଙ୍କର “ମେକ ଇନ ଇଣ୍ଡିଆ” ସଂକଳ୍ପ ଦ୍ୱାରା ଅନୁପ୍ରାଣିତ। ଏହି ଟ୍ରେନର ଅଧିକାଂଶ ସରଞ୍ଜାମ ଦେଶ ଭିତରେ ହିଁ ଡିଜାଇନ ଏବଂ ନିର୍ମାଣ କରାଯାଇଛି। ତେଣୁ, ବନ୍ଦେ ଭାରତ ଏକ୍ସପ୍ରେସ ଜରିଆରେ ସେମି ହାଇସ୍ପିଡ ଭାରତୀୟ ରେଳ ଚଳାଚଳର ସ୍ୱପ୍ନ ବାସ୍ତବ ରୂପ ନେଇପାରିଛି। ମାତ୍ର 18 ମାସ ମଧ୍ୟରେ ଚେନ୍ନାଇସ୍ଥିତ ସମନ୍ୱିତ ରେଳ

ବନ୍ଦେ ଭାରତ : ଭାରତର ଦ୍ରୁତତମ ରେଳ

ନୂଆଦିଲ୍ଲୀ-ବାରଣାସୀ

ମୋଟ ଦୂରତା	ସର୍ବାଧିକ ବେଗ	ଯାତ୍ରା ଅବଧି
752 km	160 km/h	08hours

ନୂଆଦିଲ୍ଲୀ-ଜମ୍ମୁ ତାୱି

ମୋଟ ଦୂରତା	ସର୍ବାଧିକ ବେଗ	ଯାତ୍ରା ଅବଧି
577 km	160 km/h	08 hours

ସ୍ୱୟଂ ଚାଳିତ ଟ୍ରେନ୍

ଏହା ହେଉଛି ଭାରତର ପ୍ରଥମ ସ୍ୱୟଂ ଚାଳିତ ଟ୍ରେନ୍

ରିଜେନେରେଟିଭ ବ୍ରେକ କୌଶଳ

30% ବିଦ୍ୟୁତ ଶକ୍ତି ସଞ୍ଚୟ



ଆଲୋକୀକରଣ ବ୍ୟବସ୍ଥା

ଦୁଇଟି ମାର୍ଗରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଗୋଟିଏ କମ୍ପାର୍ଟମେଣ୍ଟରେ ସମସ୍ତଙ୍କ ପାଇଁ ପୃଥକ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିବା ବେଳେ ଅନ୍ୟଟିରେ ପ୍ରତ୍ୟେକ ସିଟ ପାଖରେ ଆଲୋକୀକରଣ କରାଯାଇଛି।

ଦିବ୍ୟାଙ୍ଗଜନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଟ୍ରେନରେ ଦିବ୍ୟାଙ୍ଗଜନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଯାହାଫଳରେ ସେମାନେ କୌଣସି ଅସୁବିଧାର ସମୁଖିନ ହେବେ ନାହିଁ।

ଭାରତୀୟ ରେଳବାଇର ଦ୍ରୁତ ବିକାଶ

ସରକାର 2023 ସୁଦ୍ଧା 508 କିମି ଲମ୍ବ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ ଟ୍ରେନ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ବୁଲେଟ ଟ୍ରେନ ପ୍ରକଳ୍ପ ଶେଷ ହେବା ପରେ, ମୁମ୍ବାଇରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ଯାତ୍ରା ସମୟ ଦୁଇ ଘଣ୍ଟାକୁ ହ୍ରାସ ପାଇବ। ଏହି ଟ୍ରେନ ଘଣ୍ଟା ପ୍ରତି 300 କିମି ବେଗରେ ଯାତ୍ରା କରିବ। ଭାରତର ରେଳ ନେଟୱର୍କ ଅତ୍ୟନ୍ତ ବିଶାଳ ଏବଂ ଏହାକୁ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଉପଯୋଗ କରିଥାନ୍ତି। ସରକାର ଦେଶରେ ଟ୍ରେନଗୁଡ଼ିକର ବେଗ ବୃଦ୍ଧି କରିବା ଲାଗି ସଂକଳ୍ପବଦ୍ଧ। ବର୍ତ୍ତମାନ, ବିଶ୍ୱର କେତେକ ରେଳବ୍ୟବସ୍ଥାରେ ଯଥା ଜାପାନର ଶିଙ୍କାନସେନ ଏବଂ ଫ୍ରାନ୍ସର ଟିଜିଭି ଘଣ୍ଟା ପ୍ରତି 300 କିମି ବେଗରେ ଟ୍ରେନ ଚଳାଚଳ କରୁଛି। ଜାତୀୟ ରେଳ ଯୋଜନାର ଅଂଶବିଶେଷ ସ୍ୱରୂପ, ଭିଜନ 2024 ଶୁଭାରମ୍ଭ କରାଯାଇଛି। ଏହାର ଅନ୍ତର୍ଗତ 2024 ସୁଦ୍ଧା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ଏଗୁଡ଼ିକ ମଧ୍ୟରେ ସାମିଲ ରହିଛି :-

- ଭିଡ଼ ମାର୍ଗରେ ରେଳଧାରଣା ସଂଖ୍ୟା ବୃଦ୍ଧି
- ଦିଲ୍ଲୀ-ହାଓଡ଼ା ଏବଂ ଦିଲ୍ଲୀ ମୁମ୍ବାଇ ମାର୍ଗରେ ଟ୍ରେନର ଗତି ଘଣ୍ଟା ପ୍ରତି 160 କିମିକୁ ବୃଦ୍ଧି କରିବା
- ସ୍ୱର୍ଣ୍ଣ ଚତୁର୍ଭୁଜ- ସ୍ୱର୍ଣ୍ଣ ବିକର୍ଣ୍ଣ ବା ଗୋଲ୍ଡେନ କ୍ୱାଡ୍ରିନାଲ-ଗୋଲ୍ଡେନ ଡାଏଗୋନାଲ (ଜିକ୍ୟୁ/ଜିଡି) ମାର୍ଗରେ ଟ୍ରେନର ଗତିକୁ ଘଣ୍ଟାପ୍ରତି 130 କିମି ପର୍ଯ୍ୟନ୍ତ ବୃଦ୍ଧି କରିବା
- ସମସ୍ତ ଜିକ୍ୟୁ/ଜିଡି ମାର୍ଗରେ ଲେଭଲ କ୍ରସିଂର ଉଚ୍ଛେଦ
- ବିଭିନ୍ନ ନୂଆ ହାଇସ୍ପିଡ ରେଳ କରିଡର ଚିହ୍ନଟ କରାଯାଇଛି। ଦିଲ୍ଲୀ-ବାରଣାସୀ ହାଇସ୍ପିଡ ରେଳ ପାଇଁ ସର୍ବେକ୍ଷଣ ଜାରି ରହିଛି
- ମାଲବାହୀ ରେଳଗୁଡ଼ିକର ହାରାହାରୀ ବେଗ ଘଣ୍ଟାପ୍ରତି 22 କିମିରୁ 50କିମି ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ଗମନାଗମନ ସମୟକୁ ହ୍ରାସ କରିବା

ଆତ୍ମନିର୍ଭରଶୀଳ ଭାରତ, ସୁଦୃଢ଼ ଭାରତ

"ବିଗତ ଛଅ ବର୍ଷ ମଧ୍ୟରେ, ରେଳ ନେଟୱର୍କ ଉପରେ ବିଶେଷ ଧ୍ୟାନ ଦିଆଯାଇଛି, ଯାହାକି ଭାରତୀୟ ରେଳବାଇର ଗତି ଏବଂ ପରିସରକୁ ବୃଦ୍ଧି କରିଛି। ଶ୍ରେଷ୍ଠ ପ୍ରଯୁକ୍ତି ଉପରେ ଆଲୋକପାତ କରି ଭାରତ ହାଇସ୍ପିଡ ଟ୍ରେନ ଚଳାଚଳ ଦିଗରେ କାର୍ଯ୍ୟ କରୁଛି। ଆଜି ଭାରତୀୟ ରେଳବାଇ ମେକ ଇନ ଇଣ୍ଡିଆ ଏବଂ ଉତ୍କୃଷ୍ଟ ଇଞ୍ଜିନିୟରିଂର ଚମତ୍କାର ଉଦାହରଣ ପାଲଟିଛି। ମୋର ଆତ୍ମବିଶ୍ୱାସ ରହିଛି ଯେ ଭାରତର ପ୍ରଗତିରେ ଏକ ନୂତନ ଉଚ୍ଚତା ପ୍ରଦାନ କରିବା ଲାଗି ରେଳବାଇର ଏହି ଗତି ଆଗକୁ ମଧ୍ୟ ଜାରି ରହିବ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ପ୍ରଧାନମନ୍ତ୍ରୀ ଡିସେମ୍ବର 29, 2020ରେ ନ୍ୟୁ ଭାଉପୁର-ନ୍ୟୁ ଖୁର୍ଜା ସେକ୍ସନ ଏବଂ ପୂର୍ବ ସମର୍ପିତ ମାଲ କରିଡରର ଅପରେସନ କଣ୍ଟ୍ରୋଲ ସେଣ୍ଟରକୁ ଉଦଘାଟନ କରିଛନ୍ତି।
- ନ୍ୟୁ ଭାଉପୁର-ନ୍ୟୁ ଖୁର୍ଜା ସେକ୍ସନ କାର୍ଯ୍ୟକ୍ଷମ ହେବା ପରଠାରୁ, ମାଲବାହୀ ଟ୍ରେନର ହାରାହାରୀ ଗତି ତିନି ଗୁଣା ବୃଦ୍ଧି ପାଇଛି। ଏହି ସେକ୍ସନରେ ମାଲବାହୀ ଟ୍ରେନର ହାରାହାରୀ ଗତି ଘଣ୍ଟାପ୍ରତି 90କିମି ରେକର୍ଡ କରାଯାଇଛି।
- ଭାରତ ବର୍ତ୍ତମାନ ଆଧୁନିକ ଟ୍ରେନ ନିର୍ମାଣ କରୁଛି ଏବଂ ଏହାକୁ ରପ୍ତାନି କରୁଛି। ବାରାଣାସୀ ଇଲେକ୍ଟ୍ରିକ ଲୋକୋମୋଟିଭ ନିର୍ମାଣର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇଛି। ରାଏ ବରେଲିରେ ନିର୍ମାଣ କରାଯାଉଥିବା ରେଳ କୋଚ ବର୍ତ୍ତମାନ ବିଦେଶକୁ ରପ୍ତାନି ହେଉଛି।
- ଜାନୁଆରୀ 7, 2021ରେ ପ୍ରଧାନମନ୍ତ୍ରୀ ପଶ୍ଚିମ ସମର୍ପିତ ମାଲ କରିଡର (ଡବ୍ଲୁଡିଏଫସି)ର 306 କିମି ଲମ୍ବ ରେୱାରି-ମଦାର ସେକ୍ସନକୁ ରାଷ୍ଟ୍ରକୁ ସମର୍ପିତ କରିଛନ୍ତି। ଏହା ନଅଟି ରାଜ୍ୟର 133ଟି ରେଳ ଷ୍ଟେସନକୁ ଅତିକ୍ରମ କରିବ।
- ହରିୟାଣାର ନ୍ୟୁ ଅଟେଲି ଠାରୁ ରାଜସ୍ଥାନର ନ୍ୟୁ କିଷନଗଡ଼ ପର୍ଯ୍ୟନ୍ତ ପ୍ରଥମ ଡବଲ ଷ୍ଟାକ ଲଙ୍ଗ ହଲ କଣ୍ଟେନର ଟ୍ରେନ (ଦୁଇ ଥାକିଆ ମାଲବାହୀ କଣ୍ଟେନର ଥିବା ଲମ୍ବା ରେଳ) ଚଳାଚଳ ଆରମ୍ଭ ହୋଇଛି। କଣ୍ଟେନର ଉପରେ କଣ୍ଟେନର ଥିବା ଏବଂ ତାହା ପୁଣି ଦୀର୍ଘ ଅଧା କିମି ପର୍ଯ୍ୟନ୍ତ ଲମ୍ବା ମାଲବାହୀ ଟ୍ରେନ ଚଳାଚଳ କରିବା, ବାସ୍ତବରେ ଏକ ବଡ଼ ଉପଲବ୍ଧି। ଏପରି ସାମର୍ଥ୍ୟ ଥିବା ବିଶ୍ୱର ହାତଗଣତି ରାଷ୍ଟ୍ର ମଧ୍ୟରେ ଭାରତ ସାମିଲ ହୋଇପାରିଛି।
- ପ୍ରଥମେ ଦୁଇଟି ସମର୍ପିତ ମାଲ କରିଡର ପାଇଁ ଯୋଜନା କରାଯାଇଥିଲା। ଲୁଧିଆନାରୁ ଡାନକୁନି ପର୍ଯ୍ୟନ୍ତ ପୂର୍ବ ସମର୍ପିତ ମାଲ କରିଡର। ଏହି ମାର୍ଗରେ କୋଇଲା ଖଣି, ତାପଜ ବିଦ୍ୟୁତ ପ୍ଲାଣ୍ଟ ଏବଂ ଔଦ୍ୟୋଗିକ ସହର ରହିଛି। ଫିଡର ମାର୍ଗ ମଧ୍ୟ ତିଆରି କରାଯାଉଛି। ପଶ୍ଚିମ ସମର୍ପିତ ମାଲ କରିଡର ଜବାହରଲାଲ ନେହରୁ ବନ୍ଦରରୁ ଦାଦ୍ରିକୁ ସଂଯୋଗ ହୋଇଛି। ଏହି କରିଡରରେ ମୁନ୍ଦ୍ରା, କାନ୍ଦଲା, ପିପାଭାଭ, ଦାଓରି ଏବଂ ହାଜିରା ଭଳି ବନ୍ଦରକୁ ଫିଡର ମାର୍ଗ ଜରିଆରେ ସେବା ଯୋଗାଇ ଦିଆଯିବ।
- ଏହି ଦୁଇଟି ମାଲ କରିଡର ଚାରିପାଖରେ ଦିଲ୍ଲୀ-ମୁମ୍ବାଇ ଏବଂ ଅମୃତସର-କୋଲକାତା ଶିଳ୍ପ କରିଡର ବିକଶିତ କରାଯାଉଛି। ସେହିପରି ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମ କରିଡର ପାଇ ମଧ୍ୟ ଯୋଜନା କରାଯାଉଛି।
- ମାଲବାହୀ ଟ୍ରେନଗୁଡ଼ିକ ଠିକ ସମୟରେ ପହଞ୍ଚିଲେ, ମାଲ ପରିବହନ ନେଟୱର୍କର ଖର୍ଚ୍ଚ ହ୍ରାସ ପାଇବ। ଏହା ଏକ ଉନ୍ନତ ପରିବେଶ ସୃଷ୍ଟି କରିବା ସହିତ, ବ୍ୟବସାୟିକ ସୁଗମତା ବଢ଼ିବ ଏବଂ ଭାରତ ନିବେଶ ପାଇଁ ଏକ ଆକର୍ଷଣୀୟ ସ୍ଥଳରେ ପରିଣତ ହେବ। ଏଥିସହିତ ଆତ୍ମନିର୍ଭରଶୀଳତାର ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହେବ। ଏହି ସମର୍ପିତ ମାଲ କରିଡର ଫଳରେ ଶିଳ୍ପ, ବ୍ୟବସାୟୀ, ଚାଷୀ ତଥା ଉପଭୋକ୍ତା, ସମସ୍ତେ ଲାଭବାନ ହେବେ।

ରେୱାରି-ନ୍ୟୁ ମଦାର ରେଳ ସେକ୍ସନ ଉଦଘାଟନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ।

ନ୍ୟୁ ଭାଉପୁର-ନ୍ୟୁ ଖୁର୍ଜା ରେଳ ସେକ୍ସନର ଉଦଘାଟନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ।

କୋଚ କାରଖାନାରେ ଟ୍ରେନ ଓ ଏହାର କୋଚଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ଖୁବ କମ୍ ମୂଲ୍ୟରେ ଅନ୍ତର୍ଜାତୀୟ ମାନର ଯାତ୍ରୀ ସୁବିଧା ଓ ସୁରକ୍ଷା ପ୍ରଦାନ କରିବା ଜରିଆରେ ବିଶ୍ୱ ରେଳ ଗମନାଗମନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାର ସମ୍ଭାବନା ଏହି ଟ୍ରେନ ନିକଟରେ ରହିଛି।

ଟ୍ରେନର ଗତି ବୃଦ୍ଧି କରିବା ଲାଗି କେତେକ ମୌଳିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିଲା। ଏଥିମଧ୍ୟରୁ ଗୋଟିଏ ହେଉଛି ମାନବବିହୀନ ରେଳବାଇ କ୍ରସିଂ ଗୁଡ଼ିକର ଉଚ୍ଛେଦ। 2014ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପ୍ରଥମ ସରକାର ଗଠନ ହୋଇଥିଲା, ସେତେବେଳେ ଦେଶରେ 8,300ରୁ ଅଧିକ ମାନବବିହୀନ ରେଳବାଇ କ୍ରସିଂ ରହିଥିଲା। ଏଗୁଡ଼ିକ ଯୋଗୁ ଅନେକ ଦୁର୍ଘଟଣା ଘଟୁଥିଲା। ବ୍ରଡଗଜ ଲାଇନରେ ମାନବବିହୀନ ରେଳ କ୍ରସିଂଗୁଡ଼ିକ ଉଚ୍ଛେଦ କରିବା ଫଳରେ, ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଥିଲା।

ଜମ୍ମୁ କଶ୍ମୀରରେ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରାଯିବ

ସବ୍‌କା ସାଥ, ସବ୍‌କା ବିକାଶ ମନ୍ତ୍ର ଅନୁସାରେ କେନ୍ଦ୍ର ସରକାର ଜମ୍ମୁ କଶ୍ମୀରର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏହି ଅଞ୍ଚଳ ଦୀର୍ଘକାଳ ଧରି ଅବହେଳିତ ହୋଇ ରହିଥିଲା । ପ୍ରଥମ ଥର ପାଇଁ ସେ ଅଞ୍ଚଳରେ ଶିଳ୍ପ ପ୍ରସାରକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ବ୍ଲକସ୍ତରରୁ ଏହା କାର୍ଯ୍ୟକାରୀ ହେବ । ଏଥିପାଇଁ ସରକାର ଆଗାମୀ 15ବର୍ଷରେ ନୂଆ ଯୋଜନା ପାଇଁ 28,400 କୋଟି ଟଙ୍କା ଯୋଗାଇ ଦେବେ।

●**ନିଷ୍ପତ୍ତି:** ଜମ୍ମୁ କଶ୍ମୀରରେ ଶିଳ୍ପ ବିକାଶ ପାଇଁ 28,400 କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ଲାଭକରିଛି। ସେଥିମଧ୍ୟରୁ 112 କୋଟି ଟଙ୍କା ଇତିମଧ୍ୟରେ ବିଭିନ୍ନ ଯୋଜନାରେ ଯୋଗାଇ ଦିଆଗଲାଣି ।

●**ଲାଭ:** ନରେନ୍ଦ୍ର ମୋଦୀଙ୍କ ସରକାର ଜମ୍ମୁ କଶ୍ମୀରରେ ବିକାଶର ଦ୍ୱାର ଖୋଲିଛନ୍ତି । ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରୟାସ ସେଠାରେ ବିଭିନ୍ନ ପ୍ରକାର ଘରୋଇ ସାମଗ୍ରୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବ ଏବଂ ସେବା ଯୋଗାଣରେ ସାହାଯ୍ୟ ଯୋଗାଇବ । ଏହା ଫଳରେ ଜମ୍ମୁ ଓ କଶ୍ମୀର ଅନ୍ୟ ଉପରେ ବିଶେଷ ନିର୍ଭର ନ କରି ନିଜର ରପ୍ତାନୀବୃଦ୍ଧିର ପରିସରକୁ ବଢାଇବ । ନୂଆ ଯୋଜନାକୁ ଉଭୟବୃହତ୍ ଓ କ୍ଷୁଦ୍ର ଏମ୍‌ଏସ୍‌ଏମଇ ୟୁନିଟ ଗୁଡିକ ପାଇଁ ଆକର୍ଷଣୀୟ କରାଯାଇଛି ।

ଜମ୍ମୁ କଶ୍ମୀରର ଔଦ୍ୟୋଗିକ ବିକାଶ ପାଇଁ ଯେଉଁ 28, 400 କୋଟିଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି, ସେହି ଅର୍ଥ 2020-21ରୁ 2036-37 ମଧ୍ୟରେ ଖର୍ଚ୍ଚ ହେବ । ଏହି ଯୋଜନାର କାର୍ଯ୍ୟକାରିତା ସଂପୃକ୍ତ କେନ୍ଦ୍ରଶାସିତ ଅଞ୍ଚଳର ବିକାଶରେ କିପରି ସହାୟକ ହେବତାହା ନିମ୍ନରେ ପ୍ରଦାନ କରାଯାଇଛି ।

- ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ । ସେଥିପାଇଁ ଦକ୍ଷତା ନିର୍ମାଣ ଓ ନିରନ୍ତର ବିକାଶ ଉପରେ ସରକାର ଅଗ୍ରାଧିକାର ଦେଇଛନ୍ତି। ବର୍ତ୍ତମାନର ଶିଳ୍ପ ବାତାବରଣକୁ ପ୍ରୋତ୍ସାହିତ କରି ନୂଆ ପୁଞ୍ଜି ନିବେଶର ସୁଯୋଗସୃଷ୍ଟି କରିବାକୁ ବ୍ୟବସ୍ଥା କରାଯାଇଛି ।
- ପ୍ରସ୍ତାବିତ ଯୋଜନା ଦ୍ୱାରାଏହି ଅଞ୍ଚଳକୁ ଅଭୂତପୂର୍ବ ପୁଞ୍ଜି ଆସିବ ଏବଂଏହାଦ୍ୱାରା 4.5 ଲକ୍ଷଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ନିଯୁକ୍ତି ସୁବିଧା ପାଇବେ । ଶିଳ୍ପାୟନ ଦ୍ୱାରା କୃଷି, ଉଦ୍ୟାନ କୃଷି, ରେଶମ ଉଦ୍ୟୋଗ, ମତ୍ସ୍ୟ ଓ ପଶୁସଂପଦ କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟିହେବ।
- ଅତିକମ୍‌ରେ 50 କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ହେଉଥିବା ଶିଳ୍ପସଂସ୍ଥା ପାଇଁ ସରକାରୀ ପ୍ରୋତ୍ସାହନ ମିଳିବ । ଏ କ୍ଷେତ୍ରରେ ଜୋନ 'ଏ' ପାଇଁ ସର୍ବାଧିକ 5 କୋଟି ଏବଂ ଜୋନ 'ବି' ପାଇଁ 7.5 କୋଟି ଟଙ୍କା ପ୍ରୋତ୍ସାହନ ରାଶି ରଖାଯାଇଛି ।

- ମୂଳଧନୀ ପୁଞ୍ଜିରେ ଅର୍ଥ ଲଗାଣ ପାଇଁ କରାଯାଇଥିବା ଋଣର ସୁଧ ଉପରେ ବାର୍ଷିକ 6 ଶତାଂଶ ସୁଧ ଛାଡର ବ୍ୟବସ୍ଥା କରାଯାଇଛି। ଏହି ଋଣଛାଡ 7 ବର୍ଷ ପର୍ଯ୍ୟନ୍ତ ସର୍ବାଧିକ କାର୍ଯ୍ୟକାରୀ ହେବ । ତେବେ ଏହି ସୁବିଧା ପାଇବା ପାଇଁ ମ୍ୟାନୁଫାକଚରିଂ ଓ ସେବାକ୍ଷେତ୍ରରେ ଯେଉଁ ଶିଳ୍ପ ସଂସ୍ଥା ସ୍ଥାପନ କରାଯିବ ସେଥିପାଇଁ ସର୍ବାଧିକ 500 କୋଟି ଟଙ୍କାର ଋଣ ଯୋଗାଣ ବ୍ୟବସ୍ଥା କରାଯାଇଛି ।
- ଜିଏସ୍‌ଟି ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବାସ୍ତବ ନିବେଶ କ୍ଷେତ୍ରରେ ସେବା ଓ ମ୍ୟାନୁଫାକଚରିଂ ଉଦ୍ୟୋଗରେ 10 ବର୍ଷ ପାଇ ପ୍ରୋତ୍ସାହନ ଉପଲବ୍ଧ ହେବ ଏବଂ ଏଥିପାଇଁ 300 ଶତାଂଶ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ।
- ଯେଉଁ ସବୁ ଶିଳ୍ପସଂସ୍ଥା ସେଠାରେ କାର୍ଯ୍ୟ କରୁଛନ୍ତି ସେମାନେ କାର୍ଯ୍ୟକାରୀ ପୁଞ୍ଜିବାବଦରେ ଯେଉଁ ଋଣ ନେବେ ସେମାନଙ୍କୁ 5 ଶତାଂଶ ଅର୍ଥ ରିଆତି ପ୍ରୋତ୍ସାହନ ସୁଧ ବାବଦରେ ମିଳିବ । ଏହି ସୁବିଧା 5 ବର୍ଷ ପାଇଁ ଉପଲବ୍ଧ ହେବ । ତେବେ କୌଣସି ଉଦ୍ୟୋଗକୁ 1 କୋଟି ଟଙ୍କାରୁ ଅଧିକ ପ୍ରୋତ୍ସାହନ ଦିଆଯିବ ନାହିଁ ।
- ଜମ୍ମୁ କଶ୍ମୀର ସବୁଠୁ ପସନ୍ଦର ନିବେଶ ଲକ୍ଷ୍ୟସ୍ଥଳୀ ଭାବେ ଉଭା ହେଉଛି । ସେଠାକାର ଶିଳ୍ପ ବାତାବରଣ ବିକାଶ ପାଇ ଯେଉଁସୁଯୋଗ ଆସିଛି ତାହାକୁ ସରକାର ପ୍ରୋତ୍ସାହିତ କରିବାକୁ ବିବିଧ ପଦକ୍ଷେପ ନେଇଛନ୍ତି ।
- ଏହି ଯୋଜନାର ଲକ୍ଷ୍ୟ ହେଲା ଜମ୍ମୁ କଶ୍ମୀରକୁ ଶିଳ୍ପକ୍ଷେତ୍ରରେ ଉପରକୁ ଆଣି ଜାତୀୟସ୍ତରରେ ପ୍ରତିଯୋଗିତାକ୍ଷମ କରାଇବା ■

ଏବେ ବ୍ରାଣ୍ଡ ଇଣ୍ଡିଆର ରାଷ୍ଟ୍ରଦୂତ ସାଜିଛନ୍ତି ପ୍ରବାସୀ ଭାରତୀୟ

ନିଜର ସଂସ୍କୃତି ଓ ଦକ୍ଷତା ମାଧ୍ୟମରେ ସାରା ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ପ୍ରବାସୀ ଭାରତୀୟମାନେ ବର୍ତ୍ତମାନ ସେମାନଙ୍କ ମାତୃଭୂମିର ଋଣ ପରିଶୋଧ କରିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ସଂକଳ୍ପ ନେଇ, ସେମାନେ ବର୍ତ୍ତମାନ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଛନ୍ତି ଏବଂ 'ବ୍ରାଣ୍ଡ ଇଣ୍ଡିଆ'ର ସଦଭାବନା ଦୂତ ସାଜିଛନ୍ତି।

> ଆଜି, ଯଦି ସମଗ୍ର ବିଶ୍ୱ ଭାରତ ଉପରେ ଏଭଳି ଆସ୍ଥା ସ୍ଥାପନ କରିଥାଏ ତେବେ ସେଥିପାଇଁ ପ୍ରବାସୀ ଭାରତୀୟମାନଙ୍କର ବିଶେଷ ଅବଦାନ ରହିଛି । ଆପଣ ଯେଉଁଠାକୁ ଯାଆନ୍ତୁନା କାହିଁକି, ଆପଣମାନେ ନିଜ ସହ ଭାରତ ଏବଂ ଭାରତୀୟତାକୁ ହିଁ ସାଥିରେ ଧରି ଯାଇଥାନ୍ତି। ବିଶ୍ୱ ଉପରେ ଭାରତ କଦାଚିତ୍ କୌଣସି କଥା ଲଦିଦେଇନାହିଁ, ବରଂ, ଆପଣମାନେ ସାରା ବିଶ୍ୱରେ ଭାରତ ପ୍ରତି ସମସ୍ତଙ୍କ ମନରେ ଏକ ଆଗ୍ରହ ଓ ଉତ୍ସୁକତା ସୃଷ୍ଟି କରିଛନ୍ତି ।
>
> -ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 2021 ମସିହା ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଦେଇଥିବା ଭାଷଣ

ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟରେ ସମ୍ବୋଧିତ କଲାବେଳେ ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଏ ଶତାବ୍ଦୀ ହେଲା ଆପଣମାନଙ୍କ ଶତାବ୍ଦୀ, କିନ୍ତୁ ଏକବିଂଶ ଶତାବ୍ଦୀ ହେବ ଭାରତର ଶତାବ୍ଦୀ ।' ଗତ ଶତାବ୍ଦୀର ସ୍ୱାମୀଜୀଙ୍କ ଏହି ବାଣୀ ସତେ ଯେପରି ଭବିଷ୍ୟବାଣୀ ଥିଲା ଏବଂ ଭାରତ ଧୀରେ ଧୀରେ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଛି ।

ବର୍ତ୍ତମାନ, ଭାରତୀୟମାନଙ୍କ ସାମର୍ଥ୍ୟକୁ ସମଗ୍ର ବିଶ୍ୱ ସ୍ୱୀକାର କରିଛି । ଭାରତ ଏବେ କେବଳ ଏକ ଆର୍ଥିକ ମହାଶକ୍ତି ଭାବେ ମୁଣ୍ଡ ଟେକିନାହିଁ ଅପରନ୍ତୁ ଏକ ସାମରିକ ମହାଶକ୍ତି ଭାବେ ମଧ୍ୟ ଏହାକୁ ସଭିଏଁ ଗ୍ରହଣ କରିଛନ୍ତି । ଆଇଟି କ୍ଷେତ୍ରରେ ଏହା ସଫଳତାରେ ବିମଣ୍ଡିତ ହୋଇପାରିଛି ଏବଂ ମହାକାଶ କ୍ଷେତ୍ରରେ ଭାରତର ସାଫଲ୍ୟ ସର୍ବଜନବିଦିତ । ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ପ୍ରଗତି ମଧ୍ୟ ନିଜ ସ୍ଥାନକୁ ସୁରକ୍ଷିତ ରଖିପାରିଛି। 29.87ଲକ୍ଷ କୋଟି ଟଙ୍କା ନିବେଶ କରି ସରକାର ଆତ୍ମନିର୍ଭର

ପ୍ରବାସୀ ଭାରତୀୟ ଦିବସ କ'ଣ?

ପ୍ରତିବର୍ଷ ଜାନୁଆରୀ 9 ତାରିଖ ଦିନ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥାଏ ଯାହାକି ଭାରତର ବିକାଶ ନିମନ୍ତେ ପ୍ରବାସୀ ଭାରତୀୟ ଗୋଷ୍ଠୀଙ୍କ ଅବଦାନକୁ ସ୍ମରଣ କରିବା ନିମନ୍ତେ ଉଦ୍ଦିଷ୍ଟ । ଜାନୁଆରୀ 9 ତାରିଖ ଦିନ ଏହି ଦିବସ ପାଳନ କରାଯିବା ପଛରେ ଥିବା ଉଦ୍ଦେଶ୍ୟଟି ହେଲା ଏହା ଯେ 1915 ମସିହା ଏହି ଦିନ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହା ପରେ ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ଗ୍ରହଣ କରିଥିଲେ ଯାହା ଫଳରେ ଭାରତୀୟ ମାନଙ୍କ ଜୀବନଧାରାରେ ସବୁଦିନ ପାଇଁ ପରିବର୍ତ୍ତନ ଘଟିପାରିଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ 2003ମସିହାରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଆରମ୍ଭ କରିଥିଲେ ଏବଂ ସେହି ଦିନଠାରୁ 2015 ମସିହା ପର୍ଯ୍ୟନ୍ତ ତାହା ପ୍ରତିବର୍ଷ ପାଳନ କରାଯାଇ ଆସୁଥିଲା । ଏବେ ଏହାର ଫର୍ମାଟକୁ ବଦଳାଯାଇ ଏହାକୁ ପ୍ରତି ଦୁଇ ବର୍ଷରେ ଥରେ ଲେଖାଏଁ ପାଳନ ନିମନ୍ତେ ସ୍ଥିର କରାଯାଇଛି ଏବଂ ସେଥିପାଇଁ ଶୀର୍ଷକ ଭିତ୍ତିକ ସମ୍ମିଳନୀର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି ଯେଉଁଥିରେ ପ୍ରବାସୀ ଭାରତୀୟ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କ ମଧ୍ୟରେ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଓ ଅନ୍ୟାନ୍ୟ ହିତଧାରକମାନେ ସାମିଲ । 2021 ମସିହାରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସର ଶୀର୍ଷକ ଥିଲା: "ଆତ୍ମନିର୍ଭର ଭାରତକୁ ଅବଦାନ" ।

ପ୍ରବାସୀ ଭାରତୀୟ କିଏ

1.87 କୋଟି ପିଆଇଓ ସମଗ୍ର ବିଶ୍ୱରେ ରହିଛନ୍ତି

ସାରା ବିଶ୍ୱରେ 3.21 କୋଟି ପ୍ରବାସୀ ଭାରତୀୟ ରହିଛନ୍ତି। ଏହି ସଂଖ୍ୟା 190ଟି ଦେଶର ଜନସଂଖ୍ୟା ଠାରୁ ମଧ୍ୟ ଅଧିକ

- ମୂଳ ଭାରତୀୟ ବଂଶୋଦ୍ଭବ (ପିଆଇଓ) ହେଉଛନ୍ତି ସେହି ଲୋକ ଯେଉଁମାନେ ଜନ୍ମ, ବଂଶାନୁକ୍ରମ କିମ୍ବା ଉତ୍ପତ୍ତି ଦୃଷ୍ଟିରୁ ଭାରତୀୟ ହୋଇଥିବେ କିନ୍ତୁ ଭାରତ ବାହାରେ ବସବାସ କରୁଥିବେ ଓ ଅନ୍ୟ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିଥିବେ ।
- ଇନ୍ଦ୍ରା ନୁଇଙ୍କ ଠାରୁ ଆରମ୍ଭ କରି ସୁନ୍ଦର ପିଚାଇ, ସତ୍ୟ ନାଡେଲା ଓ କଳ୍ପନା ଚାୱଲାଙ୍କ ପର୍ଯ୍ୟନ୍ତ, ଭାରତୀୟ ଡାୟାସ୍ପୋରାର ବ୍ୟକ୍ତିମାନେ ସେମାନଙ୍କର କାର୍ଯ୍ୟ ସଫଳତା ବଳରେ ଭାରତକୁ ଗୌରବାନ୍ୱିତ କରିଛନ୍ତି ।
- ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପ୍ରାୟ 34.20 ଲକ୍ଷ ଭାରତୀୟ ଅଛନ୍ତି ଯେଉଁମାନେକି ପ୍ରବାସୀ ଭାରତୀୟମାନଙ୍କ ସହିତ ସଂପର୍କକୁ ଏକ ନୂତନ ଦିଶା ପ୍ରଦାନ କରିଛନ୍ତି ।
- ପ୍ରତ୍ୟେକ ବିଦେଶ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟମାନଙ୍କ ସହ ସାକ୍ଷାତ କରିବାକୁ ସଦାବେଳେ ପ୍ରୟାସ କରିଆସିଛନ୍ତି । ନ୍ୟୁୟର୍କର ମାଡିସନ୍ ଚୌକ ଠାରୁ ସିଡନୀର ଆଲଫୋନ୍ସ ଏରିନା ପର୍ଯ୍ୟନ୍ତ, ସେସେଲ୍ସ ଠାରୁ ନେଇ ମରିସସ ପର୍ଯ୍ୟନ୍ତ ସବୁଠାରେ ଭାରତୀୟ ଡାୟାସ୍ପୋରା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।
- ପିଆଇଓ ଏବଂ ଓସିଆଇ ମଧ୍ୟରେ ମିଶ୍ରଣ ଘଟାଇବା ନିମନ୍ତେ ସରକାରଙ୍କ ନିଷ୍ପତ୍ତିକୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରିଛନ୍ତି ।
- ଭିସା ନିୟମାବଳୀକୁ କୋହଳ କରାଯାଇଛି ଏବଂ ଏହାର ବିଧିବିଧାନର ସରଳୀକରଣ କରାଯାଇଛି ।

ଭାରତ କାର୍ଯ୍ୟକ୍ରମକୁ ପ୍ରବର୍ତ୍ତନ କରିଛନ୍ତି । ଏହା ଫଳରେ ଭାରତ ଏକ 'ଭି' ଆକାରର ଆର୍ଥିକ ପୁନରୁତ୍ଥାନ ଦିଗରେ ଅଗ୍ରସର ହେଉଛି ଯେତେବେଳେକି ସମଗ୍ର ବିଶ୍ୱ କୋଭିଡ଼ 19 ମହାମାରୀର ପ୍ରଭାବରେ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ।

ଏହିସବୁ କଥା ଭିତରେ, ବିକାଶର ସଫଳ କାହାଣୀ ପାଇଁ ଭାରତୀୟ ଡାୟାସ୍ପୋରାଙ୍କ ଭୂମିକା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଅଭିଭାଷଣରେ ଅତି ସ୍ପଷ୍ଟ ସ୍ୱରରେ ସୂଚାଇଛନ୍ତି । ଷୋଡଶ ପ୍ରବାସୀ ଭାରତୀୟ ଦିବସ, 2021 ପାଳନ ଅବସରରେ "ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମକୁ ଅବଦାନ" ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, 'ଭାରତ ଯେତେବେଳେ ଆତ୍ମନିର୍ଭରଶୀଳ ହେବା ଦିଗରେ ଅଗ୍ରସର ହେଉଛି, ସେତେବେଳେ ବ୍ରାଣ୍ଡ ଇଣ୍ଡିଆର ପରିଚୟକୁ ସୁଦୃଢ଼ କରିବା ଦିଗରେ ଆପଣମାନଙ୍କ ଭୂମିକା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ।" ଯେତେବେଳେ କେହି ଜଣେ "ମେଡ୍ ଇନ୍ ଇଣ୍ଡିଆ' ସାମଗ୍ରୀ ବ୍ୟବହାର କରେ, ସେତେବେଳେ ଆମ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କର ମଧ୍ୟ ଆମ ଉପରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ହୋଇଥାଏ । ତାହା ଚାହା ଠାରୁ ଆରମ୍ଭ କରି ବସ୍ତ୍ର କିମ୍ବା ଚିକିତ୍ସା ପର୍ଯ୍ୟନ୍ତ ଯାହା କିଛି ହୋଇଥାଉ ପଛେ। ଖଦୀ ଏବେ ସାରା ବିଶ୍ୱରେ ଆକର୍ଷଣର ବସ୍ତୁରେ ପରିଣତ ହେଉଛି । ତାହା କେବଳ ଭାରତରୁ ଖଦୀ ସାମଗ୍ରୀ ରପ୍ତାନୀକୁ ବୃଦ୍ଧି କରିବନାହିଁ, ଅପରନ୍ତୁ ଭାରତର ବିବିଧତାକୁ ମଧ୍ୟ ସମଗ୍ର ବିଶ୍ୱରେ ପ୍ରଚାରିତ ଓ ପ୍ରସାରିତ କରିବ । ତାହା ବିଶ୍ୱର ଗରିବରୁ ଗରିବତର ଲୋକମାନଙ୍କ ନିମନ୍ତେ ସୁଲଭ ତଥା ଗୁଣାତ୍ମକ ସମାଧାନ ପନ୍ଥା ଯୋଗାଇବ ଯାହା ଏବେ ଆତ୍ମନିର୍ଭର ଭାରତ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି ।

ଅଧିକନ୍ତୁ, ଭାରତୀୟ ଡାୟାସ୍ପୋରାର ସହାୟତା, ବିଶେଷତା, ନିବେଶ ଓ ବୈଶ୍ୱିକ ନେଟୱାର୍କ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟକ ହେବ ।

ଏ ଦିଗରେ ସକଳ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ସେମାନଙ୍କ ମଧ୍ୟରୁ କେତେକର ସୁଫଳ ଏବେ ସୁଦ୍ଧା ଆସିବା

ପ୍ରଧାନମନ୍ତ୍ରୀଙ୍କ ଭାଷଣର ମୁଖ୍ୟାଂଶ

- ଏହି ବୈଶ୍ୱିକ ମହାମାରୀ କାଳରେ ଭାରତ ଯାହା ଶିକ୍ଷାଲାଭ କରିଛି ତାହା ଏବେ ଆତ୍ମନିର୍ଭର ଭାରତ ଅଭିଯାନ ନିମନ୍ତେ ପ୍ରେରଣାରେ ପରିଣତ ହୋଇଛି ।
- ଭାରତରୁ ଉତ୍ପାଦିତ ସାମଗ୍ରୀ ଦ୍ୱାରା ସାରା ବିଶ୍ୱ ଉପକୃତ ହେବ । ଦେଶର ଫାର୍ମା ଶିଳ୍ପ ଭାରତର ଏଭଳି କ୍ଷମତାର ସୁଫଳକୁ ପ୍ରଦର୍ଶିତ କରିପାରିଛି ।
- ଭାରତ ଯେତେବେଳେ ଆତ୍ମନିର୍ଭର ଦିଗରେ ଆଗକୁ ଅଗ୍ରସର ହେଉଛି, ସେତେବେଳେ "ବ୍ରାଣ୍ଡ ଇଣ୍ଡିଆ"କୁ ସୁଦୃଢ଼ କରିବା ଦିଗରେ ବିଦେଶରେ ବସବାସ କରୁଥିବା ଭାରତୀୟମାନଙ୍କର ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହି କରିବାର ଅଛି ।
- ମାନବ ସମାଜକୁ ସୁରକ୍ଷା ପ୍ରଦାନ ନିମନ୍ତେ ଭାରତ ସଦାସର୍ବଦା ପ୍ରସ୍ତୁତ ଅଛି ଏବଂ ତାହା ଗୋଟିଏ ନୁହେଁ ଦୁଇଟି 'ମେଡ଼ ଇନ୍ ଇଣ୍ଡିଆ' କରୋନା ପ୍ରତିଷେଧକ ଟିକା ଜରିଆରେ ସଂପାଦନ କରାଯାଉଛି ।
- ଭାରତର ମହାକାଶ କାର୍ଯ୍ୟକ୍ରମ ଏବଂ ପ୍ରଯୁକ୍ତି ଷ୍ଟାର୍ଟଅପ୍ ବାତାବରଣ ଏବେ ସାରା ବିଶ୍ୱରେ ଅଗ୍ରଣୀ ରହିଛି ।

ଆରମ୍ଭ କରିଛି । ସେଥି ମଧ୍ୟରୁ ଇଜ୍ ଅଫ୍ ଡୁଇଂ ବିଜିନେସ, ବିଶ୍ୱ ଅଭିନବତା ସୂଚୀ, ଇଜ୍ ଅଫ୍ ଟ୍ରାଭେଲ ଆଦି ତାଲିକାରେ ଭାରତର ରାଙ୍କିଙ୍ଗ୍‌ରେ ଉନ୍ନତି ଘଟିଚାଲିଛି । ଏହା ଫଳରେ ବିଶ୍ୱ ସମୁଦାୟଙ୍କ ମନରେ ଭାରତ ପ୍ରତି ବିଶ୍ୱାସ ଓ ଆସ୍ଥା ବୃଦ୍ଧି ପାଇଛି । ଚାରିଟି ନୂଆ ଶ୍ରମ ଆଇନ, କୃଷି ସଂସ୍କାର ଆଇନ ଏବଂ ଉତ୍ତମ ଭିତ୍ତିଭୂମି ଅଧିକରୁ ଅଧିକ ବିଦେଶୀ ପୁଞ୍ଜିନିବେଶ ପାଇଁ ପଥ ପରିଷ୍କାର କରିବ ଯାହାକି ଆତ୍ମ ନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ।
କିନ୍ତୁ ଭାରତର ଏହି ଆତ୍ମନିର୍ଭର ଚିନ୍ତାଧାରା ପଛରେ ଥିବା ଭାବନାଟି ହେଲା- 'ଶହ ଶହ ହାତରେ କାର୍ଯ୍ୟ ସଫଳତା ହାସଲ କର,କିନ୍ତୁ ତାହାର ସୁଫଳକୁ ହଜାର ହଜାର ଲୋକଙ୍କ ହାତରେ ପହଞ୍ଚାଅ ।' ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ଯେଉଁସବୁ ସାମଗ୍ରୀ ଉତ୍ପାଦିତ ହେବ ଓ ସମସ୍ୟାର ସମାଧାନ କରାଯିବ ସେଭଳି ବାତାବରଣ ଭାରତରେ ବିକଶିତ ହେବ ଏବଂ ତାହା ସମଗ୍ର ବିଶ୍ୱର ହିତ ସାଧନ କରିବ । ୱାଇ2କେ ସମୟରେ ଭାରତର ଭୂମିକାକୁ ବିଶ୍ୱ କଦାପି ଭୁଲି ପାରିବନାହିଁ । ଭାରତ ବିଶ୍ୱର ଆଶା ଆଶଙ୍କାକୁ ଦୂର କରିପାରିଥିଲା। ପୁଣି ଥରେ ଭାରତ ସେହିଭଳି ଚାଲେଞ୍ଜକୁ ଗ୍ରହଣ କରି ସମସ୍ୟାକୁ ସୁଯୋଗରେ ପରିଣତ କରିବା ନିମନ୍ତେ ପ୍ରସ୍ତୁତ ରହିଛି । ■

ବିଦେଶରେ ନେତୃତ୍ୱ ଗ୍ରହଣ କରୁଥିବା ପ୍ରମୁଖ ପ୍ରବାସୀ ଭାରତୀୟ

ଭାରତୀୟ ବଂଶୋଦ୍ଭବମାନେ ସାରା ବିଶ୍ୱର ସମସ୍ତ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଂକୃତ କରିଛନ୍ତି। ତାହା ରାଜନୀତି ଠାରୁ ଆରମ୍ଭ କରି ପ୍ରଯୁକ୍ତି ଓ ଶିକ୍ଷା ପର୍ଯ୍ୟନ୍ତ ବ୍ୟାପ୍ତ । ବ୍ରିଟେନ ପାର୍ଲାମେଣ୍ଟରେ ଜଣେ ସଦସ୍ୟ ହେବାରେ ଦାଦାଭାଇ ନାରୋଜୀ ଥିଲେ ପ୍ରଥମ ଭାରତୀୟ । ଏବେ କମଳା ହାରିସ୍ ଆମେରିକାର ନିର୍ବାଚିତ ଉପରାଷ୍ଟ୍ରପତି ହୋଇପାରିଛନ୍ତି। ସେହିଭଳି ସୁରିନାମର ରାଷ୍ଟ୍ରପତି ଚନ୍ଦ୍ରିକାପ୍ରସାଦ ସନ୍ତୋକା ହେଉଛନ୍ତି ଜଣେ ଭାରତୀୟ ବଂଶୋଦ୍ଭବ । ଅନୁରୂପ ଭାବେ ମରିସସର ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥ ହେଉଛନ୍ତି ମୂଳ ଭାରତୀୟ ବଂଶଜ। ବ୍ରିଟେନର ସ୍ୱରାଷ୍ଟ୍ର ବିଭାଗର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ହେଉଛନ୍ତି ପ୍ରୀତି ପଟେଲ ଯାହାଙ୍କୁ ଭାରତୀୟ ଡାୟାସ୍ପୋରାର ଅଂଶବିଶେଷ ଭାବେ ଗ୍ରହଣ କରାଯାଇପାରେ ।
କେବଳ ରାଜନୀତି ନୁହେଁ, ସୁନ୍ଦର ପିଚାଇ, ସତ୍ୟ ନାଡ଼େଲା, ଇନ୍ଦ୍ରା ନୁଇ, ଶାନ୍ତନୁ ନାରାୟଣ, ଅଜୟ ବାଙ୍ଗା ମଧ୍ୟ ବିଭିନ୍ନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ ସହ ଭାରତ ପାଇ ଗର୍ବ ଓ ଗୌରିବ ଅର୍ଜନ କରିଛନ୍ତି। ବିଦେଶରେ ଭାରତକୁ ଉତ୍ତମ ରୂପେ ସୁପରିଚିତ କରାଇବାରେ ବିଶେଷ ଭୂମିକା ଗ୍ରହଣ ଓ ଅବଦାନ ନିମନ୍ତେ ସରକାର ପ୍ରତି ବର୍ଷ ଏହିଭଳି ବ୍ୟକ୍ତିବିଶେଷଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିଥାନ୍ତି ।
ଚଳିତ ବର୍ଷ ନ୍ୟୁଜିଲାଣ୍ଡର ମନ୍ତ୍ରୀ ପ୍ରିୟଙ୍କା ରାଧାକ୍ରିଷ୍ଣନ୍ ଓ ମୁକେଶ ଅଘିଙ୍କ ସମେତ ୩୦ ଜଣ ବ୍ୟକ୍ତିବିଶେଷଙ୍କୁ ଏଭଳି ସମ୍ମାନରେ ସମ୍ମାନିତ କରାଯାଇଛି । ଆର୍ମେନିଆର ଏକ ଏନଜିଓକୁ ଭାରତୀୟ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ପୁରସ୍କୃତ କରାଯାଇଛି ଏବଂ ଆଜେରବାଇଜାନର ଡକ୍ଟର ରଜନୀ ଚନ୍ଦ୍ର ଡି'ମେଲୋଙ୍କୁ ଭେଷଜ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଛି ।

(ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ)

‘ସୀମାନ୍ତ ଗାନ୍ଧୀ’ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ମହାତ୍ମା ଗାନ୍ଧୀଙ୍କ ଜଣେ ଘନିଷ୍ଠ ସହଯୋଗୀ – ଖାନ୍ ଅବଦୁଲ ଗଫର ଖାନ୍- ସାରା ଜୀବନ କେବଳ ହିନ୍ଦୁ- ମୁସଲମାନ ଏକତାର ପ୍ରବକ୍ତା ନଥିଲେ ଅପର ପକ୍ଷରେ ସେ ଥିଲେ ଅହିଂସାରେ ଅଟଳ ବିଶ୍ୱାସୀ। ତାଙ୍କର ଜୟନ୍ତୀ ଅବସରରେ ଭାରତବାସୀଙ୍କ ପକ୍ଷରୁ ସୀମାନ୍ତ ଗାନ୍ଧୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

କାଗଜପତ୍ରରେ ପାକିସ୍ତାନୀ ନାଗରିକ, କିନ୍ତୁ ହୃଦୟରେ ସଚ୍ଚା ହିନ୍ଦୁସ୍ତାନୀ! ଖାନ୍ ଅବଦୁଲ ଗଫର ଖାନ୍‌ଙ୍କୁ 1987 ମସିହାରେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ଲାଭ କରିବା ନିମନ୍ତେ ସେ ଯୋଗ୍ୟତମ ବ୍ୟକ୍ତି ବୋଲି ନିର୍ବିବାଦରେ କୁହାଯାଇପାରେ । ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ଗାନ୍ଧୀବାଦୀ ତଥା ଜନନେତା ଭାବେ ସେ ସାରା ଜୀବନ ହିନ୍ଦୁ-ମୁସଲମାନ ଏକତା ନିମନ୍ତେ ଦୃଢ଼ ସ୍ୱରରେ ଯୁକ୍ତି ଦର୍ଶାଇ ଆସୁଥିଲେ । ଅବିଭକ୍ତ ଭାରତର ସେ ଥିଲେ ଅନ୍ୟତମ ପ୍ରବକ୍ତା। ସ୍ୱତନ୍ତ୍ର ପାକିସ୍ତାନ ଗଠନର ସେ ଥିଲେ ଘୋର ବିରୋଧୀ । ଯେତେବେଳେ ଦେଶ ବିଭାଜନ ଓ ପାକିସ୍ତାନ ଗଠନ ପ୍ରସ୍ତାବକୁ କଂଗ୍ରେସ ଗ୍ରହଣ କଲା, ସେ ଠକି ଯାଇଛନ୍ତି ବୋଲି ଅନୁଭବ କରିଥିଲେ ଏବଂ କଂଗ୍ରେସ ନେତୃବର୍ଗଙ୍କୁ କହିଥିଲେ, ‘ଆପଣମାନେ ଆମକୁ ଗଧିଆ ମୁହଁକୁ ଠେଲି ଦେଇଛନ୍ତି ।’

ସ୍ନେହ, ଆତ୍ମସମ୍ମାନ ଅନ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ ତାଙ୍କ ପାଇଁ ଥିଲା ସବୁଠାରୁ ମୂଲ୍ୟବାନ ଏବଂ ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ କହିଥିଲେ, ‘ଏହା ମୋର ବଡ଼ ସୌଭାଗ୍ୟ ଯେ ମୁଁ ବାଲ୍ୟତ ଅବସ୍ଥାରେ ଖାନ୍ ଅବଦୁଲ ଗଫର ଖାନଜୀଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିବାର ସୌଭାଗ୍ୟ ଲାଭ କରିଥିଲି ।ଏହାକୁ ମୁଁ ମୋର ପରମ ଗୌରବ ବୋଲି ହେତୁ କରେ । ଖାନ୍ ଅବଦୁଲ ଗଫର ଖାନ୍ ହୁଅନ୍ତୁ, ଅବା ଅସଫାକ ଉଲ୍ଲା ଖାନ୍, ବେଗମ୍ ହଜରତ ମହଲ, ବୀର ସହୀଦ ଅବଦୁମଲ କରିମ କିମ୍ବା ପୂର୍ବତନ ରାଷ୍ଟ୍ରପତି ଏ ପି ଜେ ଅବଦୁଲ କାଲାମ, ଏମାନେ ସଭିଏଁ ଆମ ଦୃଷ୍ଟିରେ ଭାରତୀୟ ।’

1929 ମସିହାର କଂଗ୍ରେସ ଅଧିବେଶନଯେ ଯୋଗଦେବାର ଠିକ୍ ପରେ ପରେ ଗଫର ଖାନ୍ ପାସ୍ତୁନମାନଙ୍କୁ ନେଇ “ଖୁଦା ଏ ଖିଦମତଗାର” (ରେଡ୍ ସାର୍ଟ ମୁଭମେଣ୍ଟ) ଗଠନ କରିଥିଲେ । କାରଣ ସେମାନେ ଭାରତର ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଅହିଂସା ଆନ୍ଦୋଳନ ଚଳାଇ ଆସିଥିଲେ। ଏହି ଆନ୍ଦୋଳନ ମାଧ୍ୟମରେ ସେମାନେ ପାସ୍ତୁନ ଲୋକମାନଙ୍କ ମଧ୍ୟରେ ରାଜନୈତିକ ଚେତନା ଜାଗ୍ରତ କରିବାକୁ ଚାହୁଁଥିଲେ । ଗାନ୍ଧୀଜୀଙ୍କ ଆଦର୍ଶ ଓ ଚିନ୍ତାଧାରାରେ ଗଭୀର ଭାବେ ପ୍ରଭାବିତ ହୋଇ ସେ ସମୟକ୍ରମେ ତାଙ୍କର ଘନିଷ୍ଠ ଅନୁଗାମୀ ହୋଇପାରିଥିଲେ ଏବଂ ଖୁଦା ଏ ଖିଦମତ୍‌ଗାର ସଂଗଠନ କଂଗ୍ରେସକୁ ସମର୍ଥନ ଜଣାଇଥିଲା ।



ଜନ୍ମ : 6 ଫେବ୍ରୁଆରୀ 1890
ମୃତ୍ୟୁ : 20 ଜାନୁଆରୀ 1988

ମୁରିଏଲ ଲେଷ୍ଟର ନାମକ ଜନୈକ ବ୍ରିଟିଶ୍ ନାଗରିକ ଗଫର ଖାନଙ୍କ ସଂପର୍କରେ 1939 ମସିହାରେ ଗାନ୍ଧୀଜୀଙ୍କ ନିକଟକୁ ଲେଖିଥିଲେ, “ଏବେ ଖାନ୍ ଅବଦୁଲ ଗଫର ଖାନଙ୍କୁ ଉତ୍ତମ ରୂପେ ଜାଣିବା ପରେ, ମୁଁ ଅନୁଭବ କରୁଛିଯେ ବିଶ୍ୱର ଅଦ୍ଭୁତ ଲୋକଙ୍କୁ ଭେଟିବାର ଯେଉଁ ଭାବନା ରହିଛି, ମୁ ହୁଏତ ମୋ ଜୀବନରେ ଏଭଳି ସୁଯୋଗ ଆଉ କେବେ ପାଇବିନାହିଁ । ସେ ହେଉଛନ୍ତି ‘ଓଲ୍ଡ ଟେଷ୍ଟାମେଣ୍ଟ’ର ସେହି ରାଜକୁମାର ଯାହାଙ୍କ ଠାରେ ‘ନିଉ ଟେଷ୍ଟାମେଣ୍ଟ’ର ମଧୁର ଭାବନା ଭରି ରହିଛି । ସେ ହେଉଛନ୍ତି ମହାନ ଭାଗବତପାରାୟାଣ! ତାଙ୍କ ସହିତ ମୋତେ ପରିଚୟ କରାଇ ଦେଇଥିବାରୁ ମୁଁ ଆପଣଙ୍କ ନିକଟରେ ଋଣୀ ।”

ଗଫର ଖାନ୍‌ଙ୍କୁ ପ୍ରଥମେ ଅମୀର ଚନ୍ଦ୍ର ବମ୍ବଲ ସମ୍ମାନର ସହ ‘ସୀମାନ୍ତ ଗାନ୍ଧୀ’ (ସରହଦୀ ଗାନ୍ଧୀ) ବୋଲି ନାମିତ କରିଥିଲେ । ସୀମାନ୍ତ ଗାନ୍ଧୀ ପାକିସ୍ତାନ ପରିବର୍ତ୍ତେ ପାଖନୁତିସ୍ତାନ ଗଠନ ପାଇଁ ଦାବି କରିଥିଲେ ଏବଂ ଏଥିନେଇ ସେ 1947 ମସିହା ଜୁନ ମାସରେ ମାନ୍ନୁ ପ୍ରସ୍ତାବ ଆଗତ କରିଥିଲେ ଯାହାକୁ ବ୍ରିଟିଶ୍ ସରକାର ପ୍ରତ୍ୟାଖ୍ୟାନ କରିଦେଇଥିଲେ ।

ଆଲିଗଡ ବିଶ୍ୱବିଦ୍ୟାୟରେ ଜଣେ ପ୍ରାକ୍ତନ ସ୍ନାତକ ଗଫର ଖାନ୍ 1948 ମସିହା ଫେବ୍ରୁଆରୀ 23 ତାରିଖ ଦିନ ପାକିସ୍ତାନ ସହ ସାମିଲ ହେବାକୁ ଶପଥ ଗ୍ରହଣ କରିଥିଲେ । ତାହା ଥିଲା ପାକିସ୍ତାନ ସମ୍ବିଧାନ ସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେବାର ତିଥି । ଏହା ପୂର୍ବରୁ 1948 ମସିହା ମେ 8 ତାରିଖ ଦିନ ସେ ପାକିସ୍ତାନର ପ୍ରଥମ ବିରୋଧୀ ଦଳ ପାକିସ୍ତାନ ଆଜାଦ ପାର୍ଟି ଗଠନ କରିଥିଲେ ଯାହା କି ଥିଲା ଚିନ୍ତାଧାରା ଓ ଆଦର୍ଶରେ ସଂପୂର୍ଣ୍ଣ ଭାବେ ଅଣ ସାମ୍ପ୍ରଦାୟିକ । 1984 ମସିହାରେ ନୋବେଲ୍ ଶାନ୍ତି ପୁରସ୍କାର ନିମନ୍ତେ ତାଙ୍କ ନାମ ମନୋନୀତ କରାଯାଇଥିଲା।

1985 ମସିହାରେ କଂଗ୍ରେସର ଶତାବ୍ଦୀ ସମାରୋହରେ ଯୋଗ ଦେବାକୁ ସେ ଭାରତ ଗସ୍ତରେ ଆସିଥିଲେ । 1988 ମସିହାରେ ପେଶାୱାର ଠାରେ ନିଜ ଘରେ ଗୃହବନ୍ଦୀ ଥିବା ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା ଓ ଆଫଗାନିସ୍ତାନର ଜଲାଲାବାଦ ଠାରେ ତାଙ୍କ ମର ଶରୀରକୁ କବର ଦିଆଯାଇଥିଲା । ଭାରତବାସୀଙ୍କ ଦ୍ୱାରା ସଦାବେଳେ ଶ୍ରଦ୍ଧାଭାଜନ ହୋଇ ରହି ଆସିଥିବା ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ପ୍ରତି ତାଙ୍କର ଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ।

ପୋଷଣୀୟ ବିକାଶ ସୁନିଶ୍ଚିତକରଣ

ପୁରୁଣା ସାଇକେଲ ଟାୟାରକୁ ବ୍ୟବହାର କରି ସେଥିରୁ ଉଭୟ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଅତି ସୌଖିନ, ପରିବେଶ ଅନୁକୂଳ ଓ ପୋଷଣୀୟ ତଥା ଦୀର୍ଘସ୍ଥାୟୀ ଜୋତା ପ୍ରସ୍ତୁତ କରିବା ଏବଂ ଅଭିନବ ଉପାୟରେ ବୃକ୍ଷ ରକ୍ଷା କରିବା ପ୍ରୟାସ ଏବେ କେବଳ ଭାରତ ନୁହେଁ ବିଶ୍ୱର ସମସ୍ତ ଜନସାଧାରଣଙ୍କ ମନରେ ପ୍ରତିବଦ୍ଧତା ଜନ୍ମାଇଛି । ଏହା ଦ୍ୱାରା ଅଧିକ କର୍ମନିଯୁକ୍ତି ସୃଷ୍ଟି ହେଉଛି ଓ ପରିବେଶର ମଧ୍ୟ ସୁରକ୍ଷା ହୋଇପାରୁଛି ।

ବର୍ଜ୍ୟରୁ ପ୍ରସ୍ତୁତ ହେଉଛି ସୁନ୍ଦର ଜୋତା

ଜଣେ ପୂର୍ବତନ ଆଇଟି ପ୍ରଫେସନାଲ- ପୂଜା ବାଡାମିକରଙ୍କ ଯାତ୍ରା ପ୍ରଥମେ ଆରମ୍ଭ ହୋଇଥିଲା ପୁରୁଣା ଫଟା ଟାୟାର ସଂଗ୍ରହ ତଥା ଦୁଇଜଣ ମୋଚିଙ୍କୁ ଯୋଗାଡ଼ କରିବାରୁ । ଏବେ ସେହି ଯାତ୍ରା ପହଞ୍ଚିଛି ଏକ ପୂର୍ଣ୍ଣାଙ୍ଗ ବ୍ୟବସାୟିକ ଉଦ୍ଯୋଗରେ । ଚଳିତ ବର୍ଷର ଷ୍ଟାର୍ଟଅପ୍ ଇଣ୍ଡିଆର ଆଗାମୀ ମହିଳା ଉଦ୍ଯୋଗୀ ପୁରସ୍କାର ବିଜୟିନୀ ହୋଇଛନ୍ତି ପୂଜା । ପୂଜା ପ୍ରଥମେ ତାଙ୍କର ପ୍ରୟାସ ଆରମ୍ଭ କରିଥିଲେ ପୁରୁଣା ଟାୟାର ବ୍ୟବସାୟୀଙ୍କ ଉପରେ ଗବେଷଣା କରି । ଏକ ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ ପ୍ରଫେସନାଲ ଚାକିରୀ ଛାଡ଼ିବା ପଛରେ ତାଙ୍କର ଟୁଙ୍କ୍ ଥିଲା ନୂଆ କିଛି କରି ଦେଖାଇବାର । ଏହି ପ୍ରୟାସ ମାଧ୍ୟମରେ ସେ କେବଳ ପର୍ଯ୍ୟାବରଣ ସୁରକ୍ଷା ଦିଗରେ ତାଙ୍କର କ୍ଷୁଦ୍ର ଯୋଗଦାନ ଓ ସଫଳତା ହାସଲ କରିନାହାନ୍ତି ଅପରନ୍ତୁ ନିଜର ଷ୍ଟାର୍ଟଅପ୍ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବାର ଏକ ଅଭିନବ ଉଦାହରଣ ସୃଷ୍ଟି କରିଛନ୍ତି । ପୂଜା ପ୍ରସ୍ତୁତ କରୁଛନ୍ତି ପରିବେଶ ଅନୁକୂଳ ସୁନ୍ଦର ସୁନ୍ଦର ଜୋତା । ସେଥିପାଇଁ ତାଙ୍କର ମୁଖ୍ୟ ଉପାଦାନ ହେଲା ପୁରୁଣା ଫଟା ଟାୟାର । ପୂଜା ବାଡ଼ାମିକର କହନ୍ତି, 'ସାରା ବିଶ୍ୱରେ ବର୍ଷକୁ ପ୍ରାୟ 100 କୋଟି ଟାୟାର ପୁରୁଣା ହୋଇ ଫିଙ୍ଗା ଯାଇଥାଏ । ମୁଁ ସ୍ଥାନୀୟ ମୋଚୀମାନଙ୍କ ସହାୟତା ନେଇ ତାହା ଉପରେ କାମ ଆରମ୍ଭ କରିଥିଲି ଏବଂ ଜୋତାର ଦୁଇ ତିନି ହଳ ନମୁନା ପ୍ରସ୍ତୁତ କରିଥିଲି । ସେଇଠୁ ଆରମ୍ଭ ହୋଇଥିଲା ମୋର ସଫଳତାର ଦୀର୍ଘ ଯାତ୍ରା ।' ସାଧାରଣତଃ, ନୂଆ ରବର କିମ୍ବା ପ୍ଲାଷ୍ଟିକ ଉପକରଣ ହିଁ ଜୋତାର ସୋଲ୍ ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଇଥାଏ । କିନ୍ତୁ ଏହାକୁ ଯଦି ବଦଳାଇ ତା' ସ୍ଥାନରେ ପୁରୁଣା ଟାୟାରର ସୋଲ ବ୍ୟବହାର କରାଯାଏ ତେବେ ତାହା ଲ୍ୟାଣ୍ଡଫିଲକୁ ମଧ୍ୟ ହ୍ରାସ କରିପାରିବ । ଏହା ଦ୍ୱାରା ବଜାରକୁ କମ୍ ପ୍ଲାଷ୍ଟିକ୍ ଆସିବ । ପ୍ଲାଷ୍ଟିକ୍ କିମ୍ବା ନୂଆ ରବର ପ୍ରସ୍ତୁତ ନିମନ୍ତେ ଯେତିକି ତୈଳ ଓ ଜଳ ବ୍ୟବହାର କରାଯାଇଥାଏ ତାହା ମଧ୍ୟ ବଞ୍ଚାଯାଇପାରିବ । ଏଭଳି ପୁରୁଣା ଟାୟାରକୁ ପୁନଃବ୍ୟବହାରକ୍ଷମ କରି ସେଥିରୁ ନୂଆ ସାମଗ୍ରୀ ଉତ୍ପାଦନ କରିବା ହେଉଛି ନୂଆ ଦୁନିଆର ଚିନ୍ତାଧାରା । ପୂଜା ବାଡ଼ାମିକର ତାହାକୁ ସଫଳତାର ସହ ସାକାର କରି ଦେଖାଇଛନ୍ତି ଏବଂ ନିଜ ପାଇଁ ସୃଷ୍ଟି କରିଛନ୍ତି ଏକ ସଫଳ ବ୍ୟବସାୟିକ ପ୍ରୟାସ ।

ପର୍ଯ୍ୟାବରଣ ସୁରକ୍ଷା ପାଇଁ ଗଛ ବଞ୍ଚାଅ ଅଭିଯାନ

ଜଳବାୟୁ ପରିବର୍ତ୍ତନ ସୁରକ୍ଷା ଦିଗରେ ଭାରତ ଏବେ ସାରା ବିଶ୍ୱରେ ଏକ ପ୍ରମୁଖ ରାଷ୍ଟ୍ରରେ ପରିଣତ ହୋଇଛି । ପ୍ୟାରିସ ଜଳବାୟୁ ଘୋଷଣାନାମାର ସର୍ତ୍ତାବଳୀକୁ ନିର୍ଦ୍ଧାରିତ ସମୟସୀମା ଭିତରେ ସାକାର କରିବା ଦିଗରେ ଭାରତ ତା'ର ଅଭିଯାନ ଜାରି ରଖିଛି । କେବଳ ସରକାର ନୁହନ୍ତି ଦେଶର ନାଗରିକମାନେ ମଧ୍ୟ ଏହି ଦିଗରେ ସରକାରଙ୍କ ସହ ହାତ ମିଳାଇଛନ୍ତି । ସେହିଭଳି ଏକ ପ୍ରୟାସ ଜରିଆରେ, "ବେଙ୍ଗାଲୁରୁ ହୁଡ୍ଡୁଗୁରୁ" ନାମକ ଏକ ଗୋଷ୍ଠୀ ବେଙ୍ଗାଲୁରୁ ନଗର ଆଖପାଖ ଅଞ୍ଚଳରେ ବୁଲି ଗଛରେ ପିଟା ଯାଇଥିବା କଣ୍ଟାକୁ କାଢ଼ିବା କାମରେ ଲାଗିଛନ୍ତି । ବୃକ୍ଷ ସୁରକ୍ଷା ଦିଗରେ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସପ୍ତାହାନ୍ତ ଦିନରେ ହିଁ ଏହି ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ସ୍ଥାନ ବୁଲିଥାନ୍ତି । ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ହେଉ ଗଛମାନଙ୍କରେ ଲୁହା କଣ୍ଟାମାନ ପିଟା ଯାଇଥାଏ ଯାହା ଗଛ ପାଇଁ ଯେତିକି କ୍ଷତିକାରକ ପରିବେଶ ସୁରକ୍ଷା ଦୃଷ୍ଟିରୁ ସେତିକି ହାନିକାରକ । ତେଣୁ ସେହିସବୁ ଗଛରେ ଥିବା କଣ୍ଟାକୁ ବାହାର କରିବା ସହିତ ଏହି ଲୋକମାନେ ପରିବେଶ ସୁରକ୍ଷା ତଥା ଗଛଲତାର ଯତ୍ନ ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇଥାନ୍ତି । ସେହି ଗୋଷ୍ଠୀର ଜନୈକ ସଦସ୍ୟ କିର୍ତ୍ତୀ ଯୋଶୀଙ୍କ କହିବା ଅନୁସାରେ ଥରେ ତାଙ୍କ ଗୋଡ଼ରେ ଛୋଟ କଣ୍ଟାଟିଏ ଫୁଟି ଯାଇଥିଲା ଓ ସେ ସେକଥା ପ୍ରାୟ ଭୁଲି ଯାଇଥିଲେ । ଏହି ଛୋଟ ଅବହେଳାଟି କାରଣରୁ ତାଙ୍କୁ ପରେ ତିନି ତିନିଥର ଅପରେସନ୍ ହେବାକୁ ପଡ଼ିଥିଲା । ସେହି ଘଟଣାରୁ ହିଁ ତାଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ କଣ୍ଟା ଫୁଟିଲେ ଯେମିତି ମଣିଷ ଶରୀରରେ ବିଷ ଚହଟେ, ସେମିତି ଗଛରେ କଣ୍ଟାଟିଏ ପିଟିଲେ ଏହାର ପ୍ରତିକୂଳ ପ୍ରଭାବ ବୃକ୍ଷଟିକୁ ଭୋଗିବାକୁ ପଡ଼ିଥାଏ । ତେଣୁ ସେ ଗଛରୁ କଣ୍ଟା ବାହାର କରିବା ଅଭିଯାନ ଆରମ୍ଭ କରିଥିଲେ । ଥରେ ଗୋଟିଏ ବଡ଼ ଗଛର ଗଣ୍ଡିରୁ ସେ ଓ ତାଙ୍କ ସାଥୀମାନେ ପ୍ରାୟ ଏକ କିଲୋଗ୍ରାମ ଓଜନର ଲୁହାକଣ୍ଟା ବାହାର କରିଥିବା ବଖାଣନ୍ତି । ହୁଡ୍ଡୁଗୁରୁ ଗୋଷ୍ଠୀଙ୍କ ଏହି ଅଭିନବ ପ୍ରୟାସ ପରେ ବେଙ୍ଗାଲୁରୁ ପୌର ସଂସ୍ଥା ଏବେ ସ୍ଥିର କରିଛନ୍ତି ଯେ ଯେଉଁମାନେ ପୌରାଞ୍ଚଳରେ ଥିବା ଗଛରେ କଣ୍ଟା ପିଟିବେ ସେମାନଙ୍କୁ ଦଣ୍ଡିତ କରାଯିବ ।

Narendra Modi
How has PM Fasal Bima Yojana ensured greater benefit to farmers?

How has transparency been furthered in settlement of claims?

These, and other aspects relating to PM-FBY have been answered through innovative content on the NaMo App's Your Voice Section.

Rajnath Singh
The LCA-Tejas is going to be the backbone of the IAF fighter fleet in years to come. LCA-Tejas incorporates a large number of new technologies many of which were never attempted in India. The indigenous content of LCA-Tejas is 50% in Mk1A variant which will be enhanced to 60%.

Amit Shah
Visionary leadership can make a huge difference.

Time and again, we have seen a New India eager to innovate & help the humanity during crisis. The approval to Made in India vaccines will prove to be a game changer in boosting PM @NarendraModi's vision of an Aatmanirbhar Bharat.

Nitin Gadkari
ग्रामीण इकॉनमी को बल मिले और किसानों को अतिरिक्त आमदनी हो इसलिए हम खादी ग्रामोद्योग के क्षेत्र में नए - नए इनोवेशन के लिए प्रयासरत है। इसी क्रम में आज केवीआईसी (KVIC) के माध्यम से गाय के गोबर से बने एंटी-वायरल 'प्राकृतिक पेंट' को केंद्रीय मंत्री श्री @girirajsinghbjp जी एवं केंद्रीय राज्यमंत्री श्री @pcsarangi जी की उपस्थिति में लॉन्च किया।

Kiren Rijiju
I'm happy to share that govt is leaving no stone unturned to ensure our athletes get the best support. Bringing world acclaimed sports scientist Dr Genadijus Sokolovas to work with our swimmers is a step in that direction. Top swimmers including Michael Phelps have consulted him

Tedros Adhanom Ghebreyesus ···
@DrTedros

#India continues to take decisive action & demonstrate its resolve to end #COVID19 pandemic. As the 🌍's largest vaccine producer it's well placed to do so.
If we #ACTogether, we can ensure effective & safe vaccines are used to protect the most vulnerable everywhere @narendramodi

Gas activists request PM to stop vaccine trials in Bhopal

TIMES NEWS NETWORK

Bhopal: Organisations working with Bhopal gas disaster victims on Sunday urged PM Modi to stop the clinical trial of Covaxin in Bhopal, alleging irregularities in process and protocol. The activists have written to the PM and Union health minister and marked copies to at least 20 government officials, demanding punishment for those who allegedly "neglected the safety and well-being of vaccine trial participants".

They also demand to know why India's drugs regulator approved emergency-use authorisation of Covaxin "almost a fortnight after a volunteer, Pradeep Marawi, died on December 21, nine days after taking the first dose in phase-3 of the Covaxin trial at People's Medical College. The preliminary autopsy report suspected poisoning, and Bharat Biotech, the vaccine maker, has said the death is "unrelated to the trial dosing".

TOI contacted Bharat Biotech for its reaction but got no response. "There are several factors that can cause an adverse event during a clinical trial, including the patient's underlying disease, other pre-existing conditions or any other unrelated occurrence like an accident. This SAE has been thoroughly investigated and has been found not related to vaccine or placebo," the company had said on Saturday.

Full report on www.toi.in

Trust in political, social leadership of Indian-origin people growing: PM

EXPRESS NEWS SERVICE
NEW DELHI, JANUARY 9

UNDERLINING THE strength of the country's diversity and the importance of the Indian diaspora abroad, Prime Minister Narendra Modi said Saturday said that "if there's any place in the world where democracy is most strong, vibrant and alive, it is India". Across the world, he said, there's a growing trust in the "social and political leadership" of Indian-origin people.

Modi made these remarks in his inaugural address to the 16th Pravasi Bharatiya Di... tion, th...

PM Modi at inauguration of Pravasi Bharatiya Divas, via video conference, in Delhi. *PTI*

world. Not only will you be increasing the vol... ports ... Indian ex... taking world. that, as Bharat men... and st of

"Involving the diaspora in that endeavour is natural," Jaishankar said as they "have always been enthusiastic contributors to nation-building", "can bring to bear resources, technology, best practices and innovations" as "high achievers" and "help in giving this ambitious exercise a truly global footprint".

He said a "bold scheme of production-linked incentives in 13 key sectors offers the potential of transforming manufacturing in the country" and "it would have direct consequences for employment and inclusiveness".

Engagement ...

India". He ...ining ex... posed ...

On Twitter, Modi is now most-followed active politician

PM Narendra Modi became the world's most followed active politician on Twitter on Saturday after the suspension of US President Trump's account. PM Modi currently has 64.7 million followers. Trump had over 88.7 million followers when his handle was taken down. Former US president ...

Modi-led body to celebrate 125th birth anniversary of Netaji Subhas

The committee will guide the commemoration activities in Delhi, Kolkata and other places associated with Netaji and the Azad Hind Fauj, both in India as well as overseas. Other members of the committee include Union Ministers Amit Shah, Rajnath Singh, Nirmala Sitharaman, Narendra Singh Tomar, Smriti Irani, Prakash Javadekar, Jitendra Singh, Pralhad Singh Patel and West Bengal Chief Minister Mamata Banerjee.

Minister of State for Environment Babul Supriyo and Minister of State for Women and Child Development Debasree Chaudhuri are also among the members. Former Prime Ministers HD Deve Gowda and Manmohan Singh have also been named as the members of the committee which also has Lok Sabha Speaker ... Deputy Chairman ... and ...

Manohar Joshi, Shivraj Patil, Meira Kumar and Sumitra Mahajan.

Besides, West Bengal Governor Jagdeep Dhankhar and Manipur Governor Najma Heptullah as well as the Chief Ministers of West Bengal, Odisha, Nagaland, Manipur, Mizoram, Tripura and Meghalaya have also been included in the committee. Veteran journalist Kanchan Gupta and noted musician Rehman are also members of the Committee headed by the PM. The committee will approve policies, plans, programmes and supervise, guide the commemoration of the 125th birth anniversary activities. The members will also decide on the broad lines for the detailed programme of celebration. The recommendations of the committee will be considered by the Central ... implementation, subject to extant rules, instructions and practices.

'Ushering in rapid reforms to become $5-trillion economy'

PRESS TRUST OF INDIA
NEW DELHI, 9 JANUARY

India is strengthening the entire ecosystem to achieve Prime Minister Narendra Modi's dream of becoming a $5-trillion economy by 2025 through rapid structural reforms, Union minister Piyush Goyal said today.

Addressing the Pravasi Bharatiya Diwas conference, the commerce and industry ...

You have unique insights into consumer behaviour and can guide Indian industry to develop customised products for foreign mar... The minister ...

He highlighted that through rapid structural reforms, India is strengthening the entire ecosystem to achieve the Prime Minister's dream of a $5-trillion economy by 2025.

"Our holistic approach consists of improving the ease of starting a business, ease of doing a business, and ease of growing our businesses," Goyal added. The minister pointed out that India is growing rapidly and offers a plethora of opportunities for ... in India and ...

PM: India ready to protect humanity

STATESMAN NEWS SERVICE
NEW DELHI, 9 JANUARY

Prime Minister Narendra Modi today said the country was ready to protect humanity by providing two Indian-manufactured Coronavirus vaccines and appealed to the Indian diaspora to use more "Made in India" products to popularise them across the globe.

Addressing the virtual inaugural session of the Pravasi Bharatiya Divas (PBD) C... odi ng d's il- to d

"We are ready to protect humanity with two 'Made in India` Corona vaccines. The world is not only waiting for India`s vaccine, but everyone is watching how India runs the world`s largest vaccination programme"

Persons of Indian Origin served their societies, from doctors to social workers to even commoners."

India's mantra of 'One Sun, One World, One Grid' was appealing to the world. India's history was proof that there was no question or doubts about the country's ability in any circumstances, he added.

"India used to import PPE kits, masks, ventilators and testing kits from outside but today our nation is self-reliant. Today India is ready to save humanity with two 'Made in India' Covid-19 vaccines... You have made a ...

New India Samachar

RNI No. :
DELODI/2020/78831
February: 1-15, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 26-30 advance Fortnightly, (Publishing Date January 27, 2021, Pages-40)

ଭାରତର ବୁଲବୁଲ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ, ସରୋଜିନୀ ନାଇଡୁ ଯେମିତି ଜଣେ ସକ୍ରିୟ ସଂଗ୍ରାମୀ ଥିଲେ ସେମିତି ଥିଲେ ଜଣେ ସୁପ୍ରସିଦ୍ଧ କବି। ସୁନ୍ଦର କବିତା ରଚନା ପାଇଁ ତାଙ୍କୁ 'ଭାରତର ବୁଲବୁଲ' ଆଖ୍ୟା ପ୍ରଦାନ କରାଯାଇଥିଲା । ଦେଶ ସ୍ୱାଧୀନତା ଲାଭ କରିବା ପରେ, ସେ ସଂଯୁକ୍ତ କ୍ଷେତ୍ର, ଯାହାକି ପରେ ଉତ୍ତର ପ୍ରଦେଶ ଭାବେ ପରିଚିତ ହେଲା, ଭାରତର ପ୍ରଥମ ମହିଳା ରାଜ୍ୟପାଳ ଭାବେ ସେହି କ୍ଷେତ୍ରର ଦାୟିତ୍ୱ ଗ୍ରହଣ କରିଥିଲେ ।

"ବ୍ୟକ୍ତି ସ୍ୱାଧୀନତାର ସଂଗ୍ରାମରେ, ଭୟ ହେଉଛି ଏକ ଅକ୍ଷମଣୀୟ ପ୍ରତାରଣା ଓ ଦୁଶ୍ଚିନ୍ତା ହେଉଛି ଅକ୍ଷମଣୀୟ ପାପ ।"

ସରୋଜିନୀ ନାଇଡୁ

Odia Issue 15

Editor: **Kuldeep Singh Dhatwalia,** Principal Director General, PIB, New Delhi

Published & Printed by: Satyendra Prakash, Director General, BOC on behalf of Bureau of Outreach and Communication

Published from Bureau of Outreach and Communication, 2nd Floor, Soochna Bhawan, New Delhi - 110003

Printed at Infinity Advertising services Pvt. Ltd. FBD-One Corporate Park, 10th Floor, New Delhi-Faridabad border, NH-1, Faridabad-121003 (Haryana)